୦୮ ଡିସେମ୍ବର ୨୦୨୪ ରବିବାର

ସମୟ ପରଶି



ଧ୍ରୁବୀୟ ଜ୍ୟୋତି

ମହାକାଶରେ ଅନେକ ମହାଜାଗତିକ ଦୃଶ୍ୟ ରହିଛି ଯାହାକୁ ଦେଖିବାକୁ ଲୋକଙ୍କ ମନରେ ସବୁବେଳେ ଆଗ୍ରହ ଥାଏ । ସେହିଭଳି ଏକ ଦୃଶ୍ୟ ହେଲା ଧ୍ରୁବୀୟ ଜ୍ୟୋତି, ଯାହାକୁ ଦେଖିବାକୁ ଲୋକମାନେ ଖୁବ ଆଗ୍ରହ ପ୍ରକାଶ କରିଥାଆନ୍ତି । ତେବେ ଏହି ଧ୍ରୁବୀୟ ଜ୍ୟୋତି ପଛରେ ଅନେକ ବୈଜ୍ଞାନିକ କାରଣ ମଧ ରହିଛି ।

ଧ୍ରୁବୀୟ ଜ୍ୟୋତି ହେଉଛି ଆକାଶରେ ଦୃଶ୍ୟମାନ ହେଉଥିବା ଏକ ପ୍ରକାରର ପ୍ରାକୃତିକ ଜ୍ୟୋତି । ଏହା ମୁଖ୍ୟତଃ କୁମେରୁ ବୃତ୍ତ ଓ ସୁମେରୁ ବୃତ୍ତରେ ଦେଖାଯାଇଥାଏ । ଉତ୍ତର ଗୋଲାର୍ଦ୍ଧର ଧ୍ରୁବୀୟ ଜ୍ୟୋତିକୁ ଇଂରାଜୀରେ ଔରୋରା ବୋରିଆଲିସ୍ ଓ ଦକ୍ଷିଣ ଗୋଲାର୍ଦ୍ଧର ଧ୍ରୁବୀୟ ଜ୍ୟୋତିକୁ ଔରୋରା ଅଷ୍ଟ୍ରାଲିସ୍ ବୋଲି ମଧ କୁହାଯାଏ । ପୃଥିବୀର ଚୁମ୍ବକୀୟ ଗୋଲକ ଯୋଗୁଁ ପୃଥିବୀ ଚାରିପଟେ ଏକ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି ହୁଏ । ଚୁମ୍ବକୀୟ ଗୋଲକର ଦୁଇ ମେରୁ ପୃଥିବୀର ଦୁଇ ମେରୁ ନିକଟରେ ରହିଥାଏ । ଏହି ଚୁମ୍ବକୀୟ ଗୋଲକ ଦୁଇ ମେରୁ ନିକଟରେ ସୀମିତ ଓ ଦୁର୍ବଳ, କିନ୍ତୁ ସୁମେରୁ ବୃତ୍ତରୁ କୁମେରୁ ବୃତ୍ତ ମଧ୍ୟରେ ଚୁମ୍ବକୀୟ କ୍ଷେତ୍ର ବିସ୍ତୃତ ରହିଥାଏ । ସୌର ପ୍ରବାହ ସମୟରେ ସୂର୍ଯ୍ୟରୁ ପୃଥିବୀ ଆଡକୁ ଆସୁଥିବା ଆୟନ୍, ଇଲେକ୍ଟ୍ରୋନ୍ ଓ ପ୍ରୋଟୋନ୍ ରୂପୀ ଚାର୍ଜ୍ କଣିକାମାନ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି । ଅଧିକାଂଶ ଚାର୍ଜ୍ କଣିକା ଚୁମ୍ବକୀୟ କ୍ଷେତ୍ରରୁ ବିକର୍ଷିତ ହୋଇଥାନ୍ତି, କିନ୍ତୁ ଉଭୟ ମେରୁ ନିକଟରେ କିଛି କିଛି କଣିକା ପୃଥିବୀର ବାୟୁ ମଣ୍ଡଳରେ ପ୍ରବେଶ କରିଥାଆନ୍ତି । ବାୟୁମଣ୍ଡଳକୁ ଆସିଲା ପରେ ଏହି ଚାର୍ଜ୍ କଣିକାମାନ ଅନ୍ୟ ଗ୍ୟାସ୍ ଯଥା ଯବକ୍ଷାରଜାନ, ଅମ୍ଳଜାନରେ ରହିଥିବା କଣିକାମାନଙ୍କୁ ଶକ୍ତି ପ୍ରଦାନ କରନ୍ତି ଓ ନିଜ ଶକ୍ତି ହରାନ୍ତି । ଏହି ଶକ୍ତି ପୁଣି ଗ୍ୟାସୀୟ ଅଣୁମାନଙ୍କଦ୍ୱାରା ଫୋଟୋନ୍ ରୂପରେ ବିକିରିତ ହୁଏ । ବିକିରିତ ଫୋଟୋନ୍ ବିଭିନ୍ନ ରଙ୍ଗର ଅନୁପମ ଜ୍ୟୋତି ସୃଷ୍ଟି କରନ୍ତି । କେଉଁ ସ୍ଥାନରେ ଏହି ଚାର୍ଜ୍ କଣିକାଗୁଡ଼ିକ ଗ୍ୟାସୀୟ ଅଣୁଙ୍କ ସହିତ ଧକ୍କା ହୁଅନ୍ତି ତାହା ଅନୁସାରେ ଧ୍ରୁବୀୟ ଜ୍ୟୋତିର ରଙ୍ଗ ନିରୂପିତ ହୁଏ । ପୃଥିବୀ ପୃଷ୍ଠରୁ ୧୫୦ ମାଇଲ୍ ପର୍ଯ୍ୟନ୍ତ ଉଚ୍ଚତାରେ ଅମ୍ଳଜାନ ଅଣୁମାନେ ହଳଦିଆ ଓ ସବୁଜ ରଙ୍ଗର ଫୋଟୋନ୍ ବିକିରିତ କରନ୍ତି । ୧୫୦ ମାଇଲ୍‌ରୁ ଅଧିକ ଉଚ୍ଚତାରେ ଅମ୍ଳଜାନ ଅଣୁ ଲାଲ୍ ଓ ଗୋଲାପୀ ରଙ୍ଗ ସୃଷ୍ଟି କରନ୍ତି । ଭୂପୃଷ୍ଠରୁ ୬୦ ମାଇଲ୍ ଉଚ୍ଚତା ମଧ୍ୟରେ ଯବକ୍ଷାରଜାନ ଅଣୁ ସହିତ ଚାର୍ଜ୍ମନଙ୍କ ଧକ୍କା ହେଲେ ନୀଳ ରଙ୍ଗର ଜ୍ୟୋତି ସୃଷ୍ଟି ହୁଏ । ପୁଣି ସବୁ ରଙ୍ଗ ମିଶିଲେ ବାଇଗଣୀ, ଗୋଲାପୀ ଏପରି ଅନେକ ରଙ୍ଗ ମଧ ସୃଷ୍ଟି ହୋଇପାରେ । ମେରୁ ଅଞ୍ଚଳରେ ଚାର୍ଜ୍ କଣିକାମାନଙ୍କଦ୍ୱାରା ବାୟୁମଣ୍ଡଳୀୟ ଅଣୁମାନଙ୍କୁ କେତେ ଶକ୍ତି ମିଳେ ତାହା ଅନୁସାରେ ଧ୍ରୁବୀୟ ଜ୍ୟୋତିର ପ୍ରକାର ଭେଦ ଦେଖାଦିଏ । ନିମ୍ନ ଅକ୍ଷାଂଶରେ ସାଧାରଣତଃ ପ୍ରୋଟୋନ୍ ଧ୍ରୁବୀୟ ଜ୍ୟୋତି ଦେଖାଯାଏ । ପ୍ରୋଟୋନ ମାନେ ବାୟୁମଣ୍ଡଳରେ ଇଲେକ୍ଟ୍ରୋନ୍ ଗ୍ରହଣ କରି ଉଦ୍‌ଜାନରେ ପରିଣତ ହୋଇ ପ୍ରକାଶୀୟ ବିକିରଣ କରନ୍ତି । ଲାଟିନ୍ ଭାଷାରେ ଔରୋରା ଶବ୍ଦର ଅର୍ଥ ହେଲା ଉଷା ବା ସକାଳ । ପୂର୍ବେ ଧ୍ରୁବୀୟ ଜ୍ୟୋତିକୁ ଉଷାର ପ୍ରଥମ ଆଲୋକ ବୋଲି ଲୋକେ ଭାବୁଥିଲେ, ତେଣୁ ଏହାର ଏପରି ନାମ ଦିଆଯାଇଛି ବୋଲି ବିଶ୍ୱାସ ରହିଛି ।


NOAA
Tonight's Aurora Forecast
Forecasted Kp: 8 (Range 0 to 9)
Forecasted G-Scale: 4 (Range 0 to 5)
View Line
Likelihood of Aurora
Low
High
Creation Time 2024-05-10 14:55:19
View Line Indicates The Southern Extent of Where Aurora Might Be Seen on the Northern Horizon



ଏହି ଧ୍ରୁବୀୟ ଜ୍ୟୋତିକୁ ଦେଖିବାକୁ ଆଇସ୍‌ଲାଣ୍ଡ, ସ୍ୱିଡେନ୍‌ର ଉତ୍ତର ଭାଗ, ଫିନ୍‌ଲାଣ୍ଡ୍, ନରୱେ, ରସିଆ, କାନାଡା, ଆଲାସ୍କା ଏହାସହିତ ଗ୍ରୀନଲାଣ୍ଡ୍‌ର ଦକ୍ଷିଣ ଭାଗରେ ଦେଖିବାକୁ ମିଳିଥାଏ । ଆହୁରି ଅନେକ ଦେଶ ଅଛି ଯେଉଁଠାରେ ମଧ୍ୟ ଏହି ଜ୍ୟୋତି ଦେଖିବାକୁ ମିଳିଥାଏ । ଏହି ଧ୍ରୁବୀୟ ଜ୍ୟୋତିକୁ ଦେଖିବାକୁ ପ୍ରକୃଷ୍ଟ ସମୟ ଅଗଷ୍ଟ ଶେଷ ଆଡକୁ ଆରମ୍ଭ ହୋଇ ଏପ୍ରିଲ୍ ଶେଷ ପର୍ଯ୍ୟନ୍ତ ଚାଲିଥାଏ ।

ଧ୍ରୁବୀୟ ଜ୍ୟୋତି

ଚୁମ୍ବକୀୟ ମେରୁର ୧୦ଡିଗ୍ରୀ – ୨୦ଡିଗ୍ରୀ ମଧ୍ୟରେ ୩ ଡିଗ୍ରୀ ରୁ ୬ ଡିଗ୍ରୀ ଅକ୍ଷାଂଶ ପରିମିତ ଅଞ୍ଚଳରେ ରାତିର ଅନ୍ଧାର ଆକାଶରେ ପ୍ରାୟତଃ ଧ୍ରୁବୀୟ ଜ୍ୟୋତି ଦେଖାଯାଏ । ଆକାଶର ଯେଉଁ ବଳୟ ମଧ୍ୟରେ ଧ୍ରୁବୀୟ ଜ୍ୟୋତି ଦେଖାଯାଏ ସେହି ବଳୟକୁ ଧ୍ରୁବୀୟ ବଳୟ ବୋଲି କୁହାଯାଏ । ଧ୍ରୁବୀୟ ଜ୍ୟୋତିର ନିରୀକ୍ଷଣରୁ ଏହାର ଭୂଚୁମ୍ବକ ସହିତ ସମ୍ପର୍କ ପ୍ରତିପାଦିତ ହୋଇଥିଲା । ହେଲେ ୧୮୬୦ରେ ଏଲିଆସ୍ ଲୁମିସ୍, ୧୮୮୧ରେ ହର୍ମାନ୍ ଫ୍ରିଜ୍, ୧୮୮୨ ମସିହାରେ ଏସ୍. ଟ୍ରୋମେ୍‌ହାଲ୍ଟ ଧ୍ରୁବୀୟ ଜ୍ୟୋତି କ୍ଷେତ୍ରରେ ଏପରି ପ୍ରାକୃତିକ ଆଭା ପରିଲକ୍ଷିତ ହୋଇଥାଏ ବୋଲି ବିସ୍ତୃତ ଭାବେ ସୂଚନା ଦେଇଥିଲେ । ସେହିସମୟରେ ବିଭିନ୍ନ ସ୍ଥାନର ଧ୍ରୁବୀୟ ବଳୟମାନଙ୍କ ଚିତ୍ର ଦୈନିକ ପ୍ରକାଶ ପାଉଥାଏ । ଉତ୍ତର ଗୋଲାର୍ଦ୍ଧରେ ଦେଖାଯାଉଥିବା ଧ୍ରୁବୀୟ ଜ୍ୟୋତିକୁ ନର୍ଦନ୍ ଲାଇଟ୍ସ ବା ଔରୋରା ବୋରିଆଲିସ୍ ବୋଲି ନାମ ଦିଆଯାଇଥିଲା । ଔରୋରା ବୋରିଆଲିସ୍ ଶବ୍ଦଟି ଗାଲିଲିଓଙ୍କଦ୍ୱାରା ୧୬୧୯ ମସିହାରେ ପ୍ରଚଳିତ କରାଯାଇଥିଲା । ସେହିଭଳି ଦକ୍ଷିଣ ଗୋଲାର୍ଦ୍ଧରେ ଦେଖାଯାଉଥିବା ଔରୋରା ଅଷ୍ଟ୍ରାଲିସ୍ ବା ସଦର୍ନ୍ ଲାଇଟ୍ସ ମଧ୍ୟ ଉତ୍ତର ଗୋଲାର୍ଦ୍ଧର ଧ୍ରୁବୀୟ ଜ୍ୟୋତି ପରି । ସୁମେରୁରେ ଧ୍ରୁବୀୟ ଜ୍ୟୋତିରେ ପରିବର୍ତ୍ତନ ହେବାବେଳେ କୁମେରୁରେ ମଧ୍ୟ ଅପରୂପ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଆଣ୍ଟାର୍କଟିକା, ଚିଲି, ଆର୍ଜେଣ୍ଟିନା, ନ୍ୟୁଜିଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆ ଇତ୍ୟାଦି ଦେଶରେ ଔରୋରା ଅଷ୍ଟ୍ରାଲିସ୍ ଦେଖାଯାଇପାରିବ ।

ଭୂଚୁମ୍ବକୀୟ ପ୍ରବାହରେ ଧ୍ରୁବୀୟ ଜ୍ୟୋତି କୁଣ୍ଡଳୀ ସୃଷ୍ଟି ହୁଏ ଓ କ୍ରାନ୍ତିବୃତ୍ତ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇ ନିମ୍ନତର ଅକ୍ଷାଂଶରେ ମଧ୍ୟ ଦୃଶ୍ୟମାନ ହୋଇଥାଏ । ଭୌଗୋଳିକ କୁମେରୁ ଓ ସୁମେରୁ ନିକଟରେ ଧ୍ରୁବୀୟ ଜ୍ୟୋତି ଦେଖାଯାଇ ନଥାଏ । ଭୌଗୋଳିକ ମେରୁ ଚୁମ୍ବକୀୟ ମେରୁଠାରୁ ପ୍ରାୟ ୨୦୦୦ କିଲୋମିଟର୍ ଦୂରରେ ଅବସ୍ଥିତ । ସାଧାରଣତଃ ଚୁମ୍ବକୀୟ ମେରୁରୁ ପୃଥିବୀର ଅନ୍ଧାର ଅଂଶ ପଟକୁ ୩–୫ ଡିଗ୍ରୀ ମଧ୍ୟରେ ଧ୍ରୁବୀୟ ଜ୍ୟୋତି ଦେଖାଯାଏ । ଚୁମ୍ବକୀୟ ମଧ୍ୟରାତ୍ରରେ ଧ୍ରୁବୀୟ ଜ୍ୟୋତି ସବୁଠାରୁ ଭଲ ଭାବେ ଦେଖାଯାଇଥାଏ ।

ଧ୍ରୁବୀୟ ଜ୍ୟୋତିର ଚିତ୍ର ଉତ୍ତୋଳନ

ପ୍ରାୟ ୧୨୦୦୦ରୁ ଅଧିକ ଥର ଧ୍ରୁବୀୟ ଜ୍ୟୋତିଙ୍କୁ କ୍ୟାମେରାଦ୍ୱାରା ନିରୀକ୍ଷଣ କଲା ପରେ କାର୍ଲ୍ ଷ୍ଟୋମର୍ର୍ ଓ ତାଙ୍କ ସହଯୋଗୀମାନେ ଭୂପୃଷ୍ଠରୁ କେତେ ଉଚ୍ଚତାରେ ଧ୍ରୁବୀୟ ଜ୍ୟୋତି ଦେଖାଯାଏ ତାହା ବିଷୟରେ ସବିଶେଷ ତଥ୍ୟ ପାଇଥିଲେ । ସେମାନଙ୍କ ସଂଗୃହୀତ ତଥ୍ୟାନୁସାରେ ପ୍ରାୟତଃ ଧ୍ରୁବୀୟ ଜ୍ୟୋତିର ସର୍ବାଧିକ ଭାଗ ୯୦–୧୫୦ କି.ମି. ଉଚ୍ଚତା ମଧ୍ୟରେ ଦେଖାଯାଇଥାଏ । ବେଳେ ବେଳେ ଏହା ୧୦୦୦ କି.ମି. ଉଚ୍ଚତା ପର୍ଯ୍ୟନ୍ତ ମଧ୍ୟ ଦେଖାଯାଇପାରେ । ବର୍ତ୍ତମାନ ଅନେକ ଉଚ୍ଚ ମାନର ଓ ଅତ୍ୟାଧୁନିକ ଡିଜିଟାଲ୍ କ୍ୟାମେରା ଉଦ୍ଭାବିତ ହୋଇପାରିଥିବାରୁ ପୂର୍ବାପେକ୍ଷା ଧ୍ରୁବୀୟ ଜ୍ୟୋତିର ଅନେକ ଚିତ୍ର ଉତ୍ତୋଳନ କରାଯାଇପାରିଛି । ଧ୍ରୁବୀୟ ଜ୍ୟୋତିରେ ଆଲୋକର ରଙ୍ଗ ପରିବର୍ତ୍ତନ ହେଉଥିବାରୁ ଏହାର ସ୍ଥାୟୀଚିତ୍ର ବା ଗତିଚିତ୍ର ଉତ୍ତୋଳନ କରିବା ବେଳେ କିଛି ଅସୁବିଧା ଦେଖାଦେବା ସ୍ୱାଭାବିକ ।

ଡେଭିଡ୍ ମାଲିନ୍ ନାମକ ଜଣେ ଚିତ୍ରତ୍ତୋଳକ ଧ୍ରୁବୀୟ ଜ୍ୟୋତିର ଫଟୋ ଉଠାଇବାରେ ପାରଙ୍ଗମତା ହାସଲ କରିଛନ୍ତି । ଫଟୋ ଉଠାଇବା ବେଳେ ଗୁଡ଼ିଏ ଫିଲ୍ଟର୍ ବ୍ୟବହାର କରନ୍ତି ଓ ବହୁ ଫଟୋକୁ ପରେ ପ୍ରୟୋଗଶାଳାରେ ସଂଯୋଜିତ କରି ଦୃଶ୍ୟର ସଠିକ୍ ରଙ୍ଗ ଓ ଚିତ୍ର ଉପସ୍ଥାପନ କରିଥାନ୍ତି । ଅତିବାଇଗଣୀ ଓ ଅବଲୋହିତ ଆଲୋକ ସମ୍ବନ୍ଧୀୟ ଗବେଷଣା ବେଳେ କ୍ୟାମେରାରେ ଆଉ କେତେକ ଉପକରଣ ବ୍ୟବହାର କରାଯାଇପାରେ । ପ୍ରାକ୍–ବିଶ୍ଳେଷକ ଜ୍ଞାନ କୌଶଳ ମଧ୍ୟ ଆଜିକାଲି ଚିତ୍ରତ୍ତୋଳନ ପାଇଁ ବ୍ୟବହୃତ ହେବାକୁ ଲାଗିଲାଣି । ଏକ ପ୍ରାକୃତିକ ଓ ସୁନ୍ଦର ଜାଗତିକ ଦୃଶ୍ୟ ହୋଇଥିବାରୁ ଧ୍ରୁବୀୟ ଜ୍ୟୋତିର ଏକ ଭଲ ଚିତ୍ରର ଚାହିଦା ସବୁବେଳେ ରହିଥାଏ । ୱେବସାଇଟ୍, ବିଜ୍ଞାନ ପତ୍ରିକା, ଯାତ୍ରା ସମ୍ବନ୍ଧୀୟ ପତ୍ରିକା ଇତ୍ୟାଦିରେ



COLORS OF AURORA

Solar wind (which contains charged particles) interacts with earth's magnetic field.

This interaction traps **charged particles** at north and south pole.

The charged particles **react** with gasses in the atmosphere and produce excited and ionized gasses. The color of light emitted during the rection depends on **type of gas** involved.

Excited atomic oxygen at high altitudes

Only visible under intense solar activity due to low concentration of oxygen at high altitudes.

Above 150 miles or 241.4 km

Excited atomic oxygen at lower altitudes

Green light is emitted instead of red due to higher concentration of oxygen.

Up to 150 miles or 241.4 km

Ionized molecular nitrogen

The reaction involve molecular nirogen because atomic oxygen is uncommon at low altitudes. Similar to red, blue and purple is associated with intense solar activity.

Above 60 miles or 96.6 km

Up to 60 miles or 96.6 km

Source:

Canadian Space Agency. (2014, April 29). The colours of the Northern Lights.

Aurora Zone. (n.d.). Why are the Northern Lights sometimes coloured differently?

Space.com. (2017, October 11). Northern Lights: What Causes the Aurora Borealis & Where to See It.

Northern Lights Centre, Canada. (n.d.). Northern Lights.

Made by alienyrox.

ଏଗୁଡ଼ିକୁ ପ୍ରକାଶ କରିବା ପାଇଁ ସହଜରେ ପ୍ରକାଶକ ରାଜି ହୋଇଥାନ୍ତି । ଧ୍ରୁବୀୟ ଜ୍ୟୋତିର ଉଜ୍ଜ୍ୱଳତାକୁ ଦେଖି ସାମାନ୍ୟ ଲେନ୍ସ ଓ ଡି.ଏସ୍.ଏଲ୍.ଆର୍. କ୍ୟାମେରା ବ୍ୟବହାର କରି ମଧ୍ୟ ଏହାର ଚିତ୍ର ଉତ୍ତୋଳନ କରାଯାଇପାରିବ । ୧୯୪୯ ମସିହାରେ ସସ୍କାଚେୱାନ୍ ବିଶ୍ୱବିଦ୍ୟାଳୟରେ ଏସ୍‌ସିଆର୍ –୨୭୦ ରାଡ଼ାର୍ ବ୍ୟବହାର କରି ଧ୍ରୁବୀୟ ଜ୍ୟୋତିର ଅନେକ ଫଟୋ ଉଠାଯାଇଥିଲା ।

ରୂପ ଓ ରଙ୍ଗର ବିବିଧତା

ଧ୍ରୁବୀୟ ଜ୍ୟୋତି ଏକ ମିଶ୍ରିତ ହୋଇଯାଇଥିବା ଆଲୋକ ବା ପୂର୍ବ–ପଶ୍ଚିମ ଦିଗରେ ବ୍ୟାପ୍ତ ଏକ ବିରାଟ ପରଦା ବା ଧନୁ ପରି ଆକାରରେ ସବୁବେଳେ ଦେଖିବାକୁ ମିଳିଥାଏ । ଏମାନଙ୍କ ଆକାର କ୍ରମାଗତ ପରିବର୍ତ୍ତିତ ହେଉଥିଲେ ତାହାକୁ ସକ୍ରିୟ ଧ୍ରୁବୀୟ ଜ୍ୟୋତି କୁହାଯାଏ । ଦିଗବଳୟରେ ଏକ ପରଦା ପରି ବିସ୍ତୃତ ଧ୍ରୁବୀୟ ଜ୍ୟୋତି ସବୁଠାରୁ ଉଜ୍ଜ୍ୱଳ ଓ ଏହା ସହଜରେ ଚିହ୍ନଟ ହୋଇଯାଏ । ପ୍ରତିଟି ପରଦାରେ ଅନେକ ସମାନ୍ତରାଳ ରଶ୍ମୀଗୁଚ୍ଛ ରହିଥାନ୍ତି ଓ ଚୁମ୍ବକୀୟ କ୍ଷେତ୍ର ଦିଗରେ ସଜେଇ ହୋଇ ଦେଖାଯାନ୍ତି । ଧ୍ରୁବୀୟ ଜ୍ୟୋତି ପରିଲକ୍ଷିତ ହେଉଥିବା ସ୍ଥାନରେ କରାଯାଇଥିବା ସର୍ବେକ୍ଷଣରୁ ଜଣାପଡ଼େ ଯେ ଧ୍ରୁବୀୟ ଆଭା ବେଳେ ଇଲେକ୍ଟ୍ରୋନମାନେ ପୃଥିବୀର ଚୁମ୍ବକୀୟ କ୍ଷେତ୍ରଦ୍ୱାରା ପ୍ରଭାବିତ ଓ ପରିଚାଳିତ ହୋଇଥାନ୍ତି । ଧନୁ ପରି ଏକାଧିକ ସ୍ତର ସଜେଇ ହୋଇ ଜ୍ୟୋତିର ଏକ ବିଶାଳ ପରଦା ମଧ୍ୟ ଦେଖାଯାଇପାରେ ଯାହା ସାରା ଆକାଶକୁ ଆଚ୍ଛାଦିତ କରିଦିଏ । ବେଳେବେଳେ ଏହି ଧ୍ରୁବୀୟ ଜ୍ୟୋତିର ଆଲୋକ ଏତେ ଅଧିକ ଥାଏ ଯେ ରାତିରେ ଖବରକାଗଜ ମଧ୍ୟ ପଢ଼ିହେବ । ଆଲୋକର ତୀବ୍ରତା କ୍ରମାଗତ ବଦଳୁଥାଏ । ମିଶ୍ରିତ ହୋଇଯାଇଥିବା ଧ୍ରୁବୀୟ ଜ୍ୟୋତି କିନ୍ତୁ ଆଖିକୁ କେବେ ଦିଶେ ତ ଆଉ କେବେ ସହଜରେ ଦିଶେନାହିଁ । ଆକାଶରେ ମେଘ ଥିଲେ ତାରାଗୁଡ଼ିକ ଦେଖାଯାନ୍ତିନାହିଁ, କିନ୍ତୁ ମିଶ୍ରିତ ଧ୍ରୁବୀୟ ଜ୍ୟୋତିରେ ମେଘ ମଧ୍ୟରେ ବି ତାରାମାନଙ୍କୁ ଦେଖିହେବ । ଗୋଳିଆ ଧ୍ରୁବୀୟ ଜ୍ୟୋତି ଆକାଶରେ ଠାଏ ଠାଏ ଦୃଶ୍ୟମାନ ହୁଏ ଓ ଏହାର ଉଜ୍ଜ୍ୱଳତାରେ ହେଉଥିବା ପରିବର୍ତ୍ତନ ସହଜରେ ବାରି ହୁଏ ନାହିଁ । ଏପରି ଧ୍ରୁବୀୟ ଜ୍ୟୋତି ସମୟରେ ଆକାଶରେ ମଝି ମଝିରେ କଳା ପଟାଦାଗ ମଧ୍ୟ ଦେଖାଯାଏ ।

ଲାଲ୍

ଅତ୍ୟଧିକ ଉଚ୍ଚତାରେ ଉତ୍ତେଜିତ ବା ଅଧିକ ଶକ୍ତିସ୍ତରରେ ରହିଥିବା ଅମ୍ଳଜାନ ପରମାଣୁ ୬୩୦ ନାନୋମିଟର୍ ତରଙ୍ଗ ଥିବା ଦୈର୍ଘ୍ୟର ରଶ୍ମୀ ବିକିରଣ କରେ ଯାହା ଆମକୁ ଲାଲ୍ ବା ଲୋହିତ ରଙ୍ଗର ଦେଖାଯାଏ । ଅମ୍ଳଜାନ ପରମାଣୁଙ୍କ ସଂଖ୍ୟାରେ କମ୍ ଘନତା ରହିଥିବାରୁ ଧ୍ରୁବୀୟ ଜ୍ୟୋତିର ଉପରାଂଶ ଅତି କ୍ଷୀଣ । ଏହାସହ ଅଳତା, ସିନ୍ଦୁର, ରକ୍ତ ଏପରି ଲାଲ୍ ରଙ୍ଗ ସହିତ ଈଷତ୍ ଗାଢ଼ ରଙ୍ଗ ମଧ୍ୟ ବେଳେବେଳେ ଦେଖାଯାଏ ।

ସବୁଜ

ନିମ୍ନ ଉଚ୍ଚତାରେ କଣିକାମାନଙ୍କ ଧକ୍କାର ଆବୃତ୍ତି ଅଧିକ ହୋଇଥିବାରୁ ଅଧିକ ଉଚ୍ଚତାର ୬୩୦ ନାନୋମିଟର୍ ବିକିରଣ ଲୁଚିଯାଏ ଓ ୫୫୭.୭ ନାନୋମିଟର୍ ବିକିରଣ ସମ୍ପୂର୍ଣ୍ଣ ରୂପେ ଆକାଶକୁ ଆଚ୍ଛାଦିତ କରିଦିଏ ଯାହା ଆମକୁ ସବୁଜ ବା ସାଗୁଆ ରଙ୍ଗର ଦିଶେ । ନିମ୍ନ ଉଚ୍ଚତାରେ ଅମ୍ଳଜାନ ଅଣୁର ଘନତା ଅଧିକ ହୋଇଥିବାରୁ ସାଗୁଆ ଧ୍ରୁବୀୟ ଜ୍ୟୋତି ସବୁଠାରୁ ଅଧିକ ପରିଲକ୍ଷିତ ହୁଏ ।

ନୀଳ

ଅତି ନିମ୍ନ ଉଚ୍ଚତାରେ ଅମ୍ଳଜାନ ପରମାଣୁ ରୂପରେ ନଥାଏ, ତେଣୁ ଯବକ୍ଷାରଜାନ ଅଣୁ ଓ ଆୟନୀଭୂତ ଯବକ୍ଷାରଜାନ ଅଣୁ ୪୨୮ ନାନୋମିଟର୍ ତରଙ୍ଗ ଦୈର୍ଘ୍ୟର ନୀଳ ଆଲୋକ ବିକିରଣ କରନ୍ତି । ଅତ୍ୟଧିକ ସୌର ପ୍ରବାହ ବେଳେ ଧ୍ରୁବୀୟ ଜ୍ୟୋତି ପରଦାର ନିମ୍ନ ଭାଗରେ ନୀଳ ଓ ବାଇଗଣୀ ଆଲୁଅ ରୁପେ ଦେଖାଯାଇଥାଏ ।

ଅତିବାଇଗଣୀ

ଧ୍ରୁବୀୟ ଜ୍ୟୋତିରେ ଅତିବାଇଗଣୀ ଆଲୋକ ଥିଲେ ତାହା ମନୁଷ୍ୟ ଆଖିକୁ ଦେଖାଯାଏ ନାହିଁ । କେବଳ ଯନ୍ତ୍ରମାନଙ୍କ ସହାୟତାରେ ଏହାକୁ ଦେଖିହେବ । ମଙ୍ଗଳ, ବୃହସ୍ପତି ଓ ଶନି ଗ୍ରହରେ ମଧ୍ୟ ଅତିବାଇଗଣୀ ଧ୍ରୁବୀୟ ଜ୍ୟୋତି ଦେଖାଯାଇଛି ।

ଅବଲୋହିତ

ଅତିବାଇଗଣୀ ପରି ଧ୍ରୁବୀୟ ଜ୍ୟୋତିରେ ରହିଥିବା ଅବଲୋହିତ ଅଂଶ ମଧ୍ୟ ମନୁଷ୍ୟ ଆଖିକୁ ଦେଖାଯାଏ ନାହିଁ ।

ହଳଦିଆ ଓ ଗୋଲାପୀ

ଏହି ଧ୍ରୁବୀୟ ଆଲୋକ ସାଧାରଣତଃ ଲାଲ୍ ସହିତ ସାଗୁଆ ବା ନୀଳ ରଙ୍ଗ ମିଶ୍ରିତ ହେଲେ ସୃଷ୍ଟି ହୋଇପାରେ । ଲାଲ୍ ରଙ୍ଗର ଅନ୍ୟ ପ୍ରକାର ଓ କମଳା ରଙ୍ଗର ଧ୍ରୁବୀୟ ଜ୍ୟୋତି



The Earth's Magnetic Field

Peter Reid (peter.reid@ed.ac.uk), 2009

କ୍ୱଚିତ୍ ଦେଖାଯାଏ । ହଳଦିଆ ଓ ସାଗୁଆ ମିଶା ଧ୍ରୁବୀୟ ଜ୍ୟୋତି ବହୁବାର ଦେଖିବାକୁ ମିଳିଛି । ଲାଲ୍, ସାଗୁଆ ଓ ନୀଳ ଇତ୍ୟାଦି ପ୍ରାଥମିକ ରଙ୍ଗ ହୋଇଥିବାରୁ ଏମାନଙ୍କ ମିଶ୍ରଣର ମାତ୍ରା ଅନୁସାରେ ବହୁ ପ୍ରକାରର ରଙ୍ଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ତେବେ ଅନ୍ୟ କୌଣସି ସ୍ୱତନ୍ତ୍ର ରଙ୍ଗ ପ୍ରାୟ ଦେଖାଯାଇନାହିଁ ।

କାରଣ

ସୌର ପ୍ରବାହ ଓ ପୃଥିବୀର ଚୁମ୍ବକୀୟ ଗୋଲକ ମଧ୍ୟରେ ପରସ୍ପର କ୍ରିୟା ଯୋଗୁଁ ମୁଖ୍ୟତଃ ଧ୍ରୁବୀୟ ଜ୍ୟୋତି ସୃଷ୍ଟି ହୁଏ । ତେବେ ବିଭିନ୍ନ ସ୍ଥାନରେ ଦେଖାଯାଉଥିବା ଧ୍ରୁବୀୟ ଜ୍ୟୋତି ସମ୍ପର୍କରେ ଏବେ ମଧ୍ୟ ଗବେଷଣା ଚାଲିଛି । ସୌର ପ୍ରବାହର ମାତ୍ରା ବଢ଼ିଲେ ବା କମିଲେ ଧ୍ରୁବୀୟ ଜ୍ୟୋତିରେ ମଧ୍ୟ ଭିନ୍ନତା ଆସେ ।

➤ଧୀର ବେଗର ସୌର ପ୍ରବାହ ପୃଥିବୀର ଚୁମ୍ବକୀୟ ଗୋଲକର ସଂସ୍ପର୍ଶରେ ରହିଥାଏ । ଏପରି କ୍ରିୟା ଯୋଗୁଁ ଯେଉଁ ସ୍ଥାନରେ ଚୁମ୍ବକୀୟ କ୍ଷେତ୍ର ରେଖା ପରସ୍ପରଠାରୁ ଛାଡ଼ି ଛାଡ଼ି ହୋଇ ରହିଥାନ୍ତି, ସେଠାରେ ସୌର କଣିକା ପୃଥିବୀର ଚୁମ୍ବକୀୟ କ୍ଷେତ୍ରମଧ୍ୟକୁ ପ୍ରବେଶ କରନ୍ତି । ପୂର୍ବରୁ ବାୟୁମଣ୍ଡଳ ଉପରେ ଅଟକି ରହିଥିବା ଚାର୍ଜ ହୋଇଥିବା କଣିକା ମଧ୍ୟ ବାୟୁମଣ୍ଡଳ ମଧ୍ୟକୁ ପ୍ରବେଶ କରନ୍ତି । ବହୁ ସଂଖ୍ୟକ କଣିକା ବାୟୁମଣ୍ଡଳ ମଧ୍ୟକୁ ପ୍ରବେଶ କରିବା ଫଳରେ ଆୟୋନୋସ୍ଫିଅରରୁ ନୂତନ କଣିକା ପୁଣି ବାୟୁମଣ୍ଡଳକୁ ପ୍ରବେଶ କରନ୍ତି ।



➤ସୌର ପ୍ରବାହ ବଢ଼ିଲେ ମଧ୍ୟ ଭୂଚୁମ୍ବକୀୟ ସନ୍ତୁଳନ ବାଧାପ୍ରାପ୍ତ ହୁଏ ଓ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ରେଖାମାନଙ୍କୁ ପ୍ରଭାବିତ କରେ । ପୃଥିବୀର ଆଲୋକିତ ଗୋଲାର୍ଦ୍ଧ ପଟରୁ ଅନ୍ଧାର ପଟର ଗୋଲାର୍ଦ୍ଧ ପଟକୁ ଏକ ଚୁମ୍ବକୀୟ ପ୍ରଭାବ ଦେଖାଯାଏ । ଏପରି ସମୟରେ କିଛି ସୌର କଣିକା ମଧ୍ୟରାତ୍ର ବେଳକୁ ବାୟୁ ମଣ୍ଡଳରେ ପ୍ରବେଶ କରନ୍ତି ।



➤ପୁଣି ଚୁମ୍ବକୀୟ କ୍ଷେତ୍ରରେ ସୃଷ୍ଟ ବୈଦ୍ୟୁତିକ କ୍ଷେତ୍ର ମଧ୍ୟରେ ଚାର୍ଜିତ କଣିକାମାନେ ତ୍ୱରାନ୍ୱିତ ହେଲେ ବି ଧ୍ରୁବୀୟ ଜ୍ୟୋତି ସୃଷ୍ଟି ହୋଇପାରେ ।

ରହିଛି ଅନେକ ଅନ୍ଧବିଶ୍ୱାସ

ଏହାକୁ ନେଇ ଅନେକ ଅନ୍ଧବିଶ୍ୱାସ ଓ ଐତିହାସିକ ତଥ୍ୟ ମଧ୍ୟ ରହିଛି । ଆଦିମ ଅଷ୍ଟ୍ରେଲୀୟ ଜନଜାତିର ଲୋକପ୍ରଥାରେ ଧ୍ରୁବୀୟ ଜ୍ୟୋତି ଅଗ୍ନି ଓ ପ୍ରେତାତ୍ମାଙ୍କ ସହ ଜଡ଼ିତ ବୋଲି ଅନ୍ଧବିଶ୍ୱାସ ରହିଛି । ଉଦାହରଣ ସ୍ୱରୂପ ଭିକ୍ଟୋରିଆର ଗୁଣ୍ଡିଜ୍ମାରା ଜାତି ଧ୍ରୁବୀୟ ଜ୍ୟୋତିକୁ ପୁଏ ବୁଏ (ପାଉଁଶ) ବୋଲି କହିଥାନ୍ତି । ପୂର୍ବ ଭିକ୍ଟୋରିଆର ଗୁନାଇ ଜନଜାତିର ଲୋକଙ୍କ ମଧ୍ୟରେ ଧ୍ରୁବୀୟ ଜ୍ୟୋତି ପ୍ରେତାତ୍ମାଙ୍କ ବଣନିଆଁ (ଓଡ଼ିଆରେ କଥିତ ଡ଼ାହାଣୀ ନିଆଁ ପରି) ବୋଲି ଅନ୍ଧବିଶ୍ୱାସ ରହିଛି । ଦକ୍ଷିଣ ଅଷ୍ଟ୍ରେଲିଆର ଡିଏରି ଆଦିମ ଜାତିର ଲୋକଙ୍କ ଅନ୍ଧବିଶ୍ୱାସ ମଧ୍ୟ ଅନୁରୂପ ସେମାନେ ଧ୍ରୁବୀୟ ଜ୍ୟୋତିକୁ କୁଚି ବୋଲି କୁହନ୍ତି ଯାହାର ଅର୍ଥ ପ୍ରେତଙ୍କଦ୍ୱାରା ସଂଯୋଜିତ ମହାଅଗ୍ନି । ଦକ୍ଷିଣ ଅଷ୍ଟ୍ରେଲିଆର ଅନ୍ୟ ଏକ ଆଦିମଜାତି ଗାରିଂଜେରି ଲୋକେ କଙ୍ଗାରୁ ଦ୍ୱୀପର ଆକାଶରେ ଯେବେ ବି ଧ୍ରୁବୀୟ ଜ୍ୟୋତି ଦେଖନ୍ତି ସେମାନଙ୍କ ବିଶ୍ୱାସ ମୃତ୍ୟୁଲୋକରେ ବସବାସ କରୁଥିବା ପ୍ରେତାତ୍ମାମାନେ ନିଆଁ ଲଗାଇ ବଣଭୋଜି ବା ମଉଜ କରୁଛନ୍ତି । ଦକ୍ଷିଣ-ପଶ୍ଚିମ କ୍ୱିନ୍ସଲ୍ୟାଣ୍ଡର ଆଦିମ ଅଧିବାସୀମାନଙ୍କ ବିଶ୍ୱାସ ଯେ ଉଲା ପିକାମାନେ (ପ୍ରେତାତ୍ମାମାନେ) ନିଆଁ ଜଳାଇ ମର୍ତ୍ତ୍ୟମଣ୍ଡଳର ଲୋକଙ୍କ ସହିତ ସଂଯୋଗ ସ୍ଥାପନ କରିବାକୁ ଚେଷ୍ଟା କରନ୍ତି । ବୟସ୍କ ପୁରୁଷଙ୍କ ବ୍ୟତୀତ ଅନ୍ୟମାନଙ୍କୁ ପୂର୍ବପୁରୁଷଙ୍କ ଏହି ଜ୍ୟୋତିରୂପୀ ସନ୍ଦେଶ ଦେଖିବା ବା ଜାଣିବା ତାଙ୍କ ସାମାଜିକ ନିୟମ ଅନୁସାରେ ନିଷେଧ ।


6 FIRST WARNING WDSU WEATHER
NORTHERN LIGHTS
TONIGHT
Seattle
Minneapolis
Montreal
Chicago
New York
San Francisco
Denver
St. Louis
Los Angeles
Atlanta
New Orleans
Miami
WHAT Northern Lights
WHERE Higher Latitudes
WHEN Tonight
WHY Space Weather
VISIBLE ON HORIZON
POSSIBLE OVERHEAD
HIGHER ACTIVITY LIKELY VISIBLE

ଅନ୍ୟ ଗ୍ରହରେ ଧ୍ରୁବୀୟ ଜ୍ୟୋତି

ବୃହସ୍ପତି ଓ ଶନି ଗ୍ରହର ଚୁମ୍ବକୀୟ କ୍ଷେତ୍ର ପୃଥିବୀର ଚୁମ୍ବକୀୟ କ୍ଷେତ୍ରଠାରୁ ଅଧିକ । ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଶକ୍ତି ୦.୩ ଗସ୍ ହୋଇଥିବା ବେଳେ ବୃହସ୍ପତି କ୍ଷେତ୍ରରେ ଏହାର ମାପ ୪.୩ ଗସ୍ । ଉଭୟ ବୃହସ୍ପତି ଓ ଶନି ଗ୍ରହର ବିକିରଣ କ୍ଷେତ୍ର ମଧ୍ୟ ବଡ଼ । ଏହି ଦୁଇ ଗ୍ୟାସୀୟ ଗ୍ରହରେ ସୃଷ୍ଟି ହେଉଥିବା ଧ୍ରୁବୀୟ ଜ୍ୟୋତି ହବ୍‌ଲ୍ ସ୍ପେଶ୍ ଟେଲିସ୍କୋପ ଦ୍ୱାରା ଦେଖାଯାଇଛି । ଏହା ବ୍ୟତୀତ ୟୁରେନସ୍ ଓ ନେପ୍‌ଚୁନ୍ ଗ୍ରହରେ ହେଉଥିବା ଧ୍ରୁବୀୟ ଜ୍ୟୋତି ମଧ୍ୟ ଟେଲିସ୍କୋପ୍ ମାଧ୍ୟମରେ ଦେଖାଯାଇଛି । ପୃଥିବୀପରି ଗ୍ୟାସୀୟ ଗ୍ରହମାନଙ୍କରେ ଘଟୁଥିବା ଧ୍ରୁବୀୟ ଜ୍ୟୋତିର ମୁଖ୍ୟ କାରଣ ହେଲା ସୌର ପ୍ରବାହ । ତା’ ସହିତ ୪୦୦ରୁ ଅଧିକ ଆଗ୍ନେୟଗିରି ଧାରଣ କରିଥିବା ଆୟୋ (ବୃହସ୍ପତି ଗ୍ରହର ଏକ ଉପଗ୍ରହ) ମଧ୍ୟ ବୃହସ୍ପତିରେ ଧ୍ରୁବୀୟ ଜ୍ୟୋତି ସୃଷ୍ଟି କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରେ । ଆୟୋର ଆଗ୍ନେୟ ଉଦ୍‌ଗୀରଣ ଏହାର ଆୟୋନୋସ୍ଫିଅରକୁ ଚାର୍ଜିତ କଣିକାରେ ପୂର୍ଣ୍ଣ କରି ରଖେ । ଗ୍ରହମାନଙ୍କ ମଧ୍ୟରେ ଆପେକ୍ଷିକ ଗତି ପାଇଁ ଓ ବିଦ୍ୟୁତ୍-ଚୁମ୍ବକୀୟ କ୍ଷେତ୍ର ଉପସ୍ଥିତି ଧ୍ରୁବୀୟ ଜ୍ୟୋତି ସୃଷ୍ଟି କରିବାରେ ସହାୟକ ହୁଏ । ୧୯୫୫ ମସିହାରୁ ଏପରି ପ୍ରଭାବର ବୈଜ୍ଞାନିକ ଅନୁଶୀଳନ କରାଯାଇଆସୁଛି । ହବୋଲ୍ ସ୍ପେଶ୍ ଟେଲିସ୍କୋପ ସହାୟତାରେ ଆୟୋ, ୟୁରୋପା ଓ ଗ୍ୟାନିମିଡ୍ ଉପଗ୍ରହରେ ଧ୍ରୁବୀୟ ଜ୍ୟୋତି ଦେଖାଯାଇଛି । ଶୁକ୍ର ଓ ମଙ୍ଗଳ ଗ୍ରହରେ ମଧ୍ୟ ଧ୍ରୁବୀୟ ଜ୍ୟୋତି ଘଟିବା ଲକ୍ଷ୍ୟ କରାଯାଇଛି । ଶୁକ୍ର ଗ୍ରହରେ ଚୁମ୍ବକୀୟ କ୍ଷେତ୍ର ନାହିଁ । ଏହି ଗ୍ରହର ଧ୍ରୁବୀୟ ଜ୍ୟୋତି ଗୋଳିଆ ହୋଇ ଦେଖାଯାଏ । ସମୟ ସମୟରେ ଏହି ଧ୍ରୁବୀୟ ଜ୍ୟୋତି ସମ୍ପୂର୍ଣ୍ଣ ବାୟୁମଣ୍ଡଳକୁ ଘୋଡ଼େଇ ରଖିଥାଏ । ସୌର ପ୍ରବାହରୁ ଇଲେକ୍ଟ୍ରୋନ ଅନ୍ଧକାରରେ ଥିବା ଗୋଲାର୍ଦ୍ଧର ବାୟୁମଣ୍ଡଳ ସହିତ ଧକ୍କା ଖାଇ ଧ୍ରୁବୀୟ ଜ୍ୟୋତି ସୃଷ୍ଟି ହୁଏ ।

୨୦୦୪ ମସିହା ଅଗଷ୍ଟ ୧୪ ତାରିଖରେ ମଙ୍ଗଳ ଗ୍ରହରେ ଧ୍ରୁବୀୟ ଜ୍ୟୋତି ପରିଲକ୍ଷିତ ହୋଇଥିଲା । ମାର୍ସ୍ ଏକ୍ସପ୍ରେସ୍ ଯାନରେ ରହିଥିବା ସ୍ପାଇକ୍ୟାମ୍ ଏହି ଚିତ୍ର ଉତ୍ତୋଳନ କରିଥିଲା । ଟେରା ସିମେରିଆ ଅଞ୍ଚଳରେ (୧୭୭ ଡିଗ୍ରୀ ପୂର୍ବ, ୫୨ ଡିଗ୍ରୀ ଦକ୍ଷିଣ) ଏହି ଧ୍ରୁବୀୟ ଜ୍ୟୋତି ଦେଖାଯାଇଥିଲା । ଏହି ଧ୍ରୁବୀୟ ଜ୍ୟୋତିରେ ହୋଇଥିବା ବିକିରଣର କ୍ଷେତ୍ର ୩୦ କି.ମି. ଲମ୍ବ ଓ ୮ କି.ମି. ଉଚ୍ଚ ଥିଲା । ମଙ୍ଗଳରେ ଚୁମ୍ବକୀୟ କ୍ଷେତ୍ର ରହିଛି ଓ ଏହି ଧ୍ରୁବୀୟ ଜ୍ୟୋତି ଅଧିକ ଚୁମ୍ବକୀୟ କ୍ଷେତ୍ରଥିବା ଅଞ୍ଚଳରେ ଦେଖାଯାଇଥିଲା । ଚୁମ୍ବକୀୟ କ୍ଷେତ୍ରରେ ଇଲେକ୍ଟ୍ରୋନଙ୍କ ଗତି ଏହି ଜ୍ୟୋତିମାଳା ସୃଷ୍ଟି କରିଥିଲା ।

ଷ୍ଟାଇଲିସ୍ ସପିଂ ବ୍ୟାଗ୍

ସପିଂ କରିବାକୁ ଗଲାବେଳେ ବର୍ତ୍ତମାନ ପଇସା ଦେଇ ବ୍ୟାଗ୍ କିଣିବାକୁ ଲୋକ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି । ତେଣୁ ବର୍ତ୍ତମାନ ବଜାରରେ ବିଭିନ୍ନ ପ୍ରକାରର ସପିଂ ବ୍ୟାଗ୍ ମିଳୁଛି, ଯାହାକୁ କିଣିବାକୁ ଗ୍ରାହକଙ୍କ ଭିତରେ ଭିଡ ଦେଖିବାକୁ ମିଳୁଛି । ଆସନ୍ତୁ ଜାଣିବା ସେହିଭଳି କିଛି ଟ୍ରେଣ୍ଡିଂ ସପିଂ ବ୍ୟାଗ୍ ସମ୍ପର୍କରେ ।

ଆଜିକାଲି ବିଭିନ୍ନ ମଲ୍‌ରେ ବିଭିନ୍ନ ପ୍ରକାରର ବ୍ୟାଗ୍ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି, ଯାହାକୁ ଗ୍ରାହକମାନେ ଅର୍ଥ ଦେଇ କିଣୁଛନ୍ତି । ତେବେ ଏହି ବ୍ୟାଗ୍‌ଗୁଡିକରେ କିଛି ଭଲ ଏବଂ ପୁନଃବ୍ୟବହାର ଯୋଗ୍ୟ ଥିବାବେଳେ କିଛି ଖରାପ ରହୁଛି । ଯଦି ବ୍ୟାଗ ଭଲ ରହୁଛି ଏଗୁଡିକୁ ଆପଣ ଭିନ୍ନ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ । ତେବେ ଯଦି ଆପଣ ସେହି ବ୍ୟାଗ୍ ଆଣିବାକୁ ଚାହୁଁନାହାନ୍ତି ତେବେ ବଜାରରେ ବିଭିନ୍ନ ଷ୍ଟାଇଲିସ୍ ସପିଂ ବ୍ୟାଗ୍ ମିଳୁଛି, ଯାହା ଆପଣଙ୍କୁ ଏକ ଷ୍ଟାଇଲିସ୍ ଲୁକ ମଧ୍ୟ ପ୍ରଦାନ କରିବ । ଏହି ବ୍ୟାଗ୍‌ଗୁଡିକୁ ବିଭିନ୍ନ ନାମୀ କମ୍ପାନୀ ମଧ୍ୟ ପ୍ରସ୍ତୁତ କରୁଛନ୍ତି ।

ନନ୍ ୱୋଭେନ୍ ବ୍ୟାଗ୍: ଏହି ବ୍ୟାଗଗୁଡିକୁ ସାଧାରଣତଃ ପଲିପ୍ରୋପାଲିନ୍ ପଲିମରକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଥାଏ । ଏଥିରୁ ହିଟ୍‌କୁ ବ୍ୟବହାର କରି ଏକ ପ୍ରକାର ସୂତା ବାହାର କରାଯାଇଥାଏ ଯେଉଁଥିରୁ ଏହି ବ୍ୟାଗ୍‌କୁ ତିଆରି କରାଯାଇଥାଏ । ଏହି ବ୍ୟାଗଗୁଡିକ ଖୁବ ଭଲ ହୋଇଥାଏ ।

କଟନ୍ ବ୍ୟାଗ୍: ପୂର୍ବ କାଳରେ କଟନ ବ୍ୟାଗର ବ୍ୟବହାର ଖୁବ ଅଧିକ ଥିଲା, ଯାହା ବର୍ତ୍ତମାନ ପୁଣି ଆରମ୍ଭ ହୋଇଛି । ବଜାରରେ ବିଭିନ୍ନ ପ୍ରକାରର କଟନ୍ ବ୍ୟାଗ୍ ମିଳୁଛି, ଯାହାକୁ ସପିଂ ପାଇଁ ବ୍ୟବହାର କରିହେଉଛି । ଏଗୁଡିକ ଶସ୍ତା ସୁନ୍ଦର ଓ ମଜବୁତ ହୋଇଥାଏ । ଏହା ପନିପରିବା ଠାରୁ ଆରମ୍ଭ କରି ଇଲେକଟ୍ରୋନିକ ସାମଗ୍ରୀ ରଖିବାକୁ ବ୍ୟବହାର ହୋଇଥାଏ । ଏହାର ବିଭିନ୍ନ ଡିଜାଇନ୍ ଓ ରଙ୍ଗ ବଜାରରେ ଦେଖିବାକୁ ମିଳିଥାଏ ।

ଲୁପ୍ ହ୍ୟାଣ୍ଡେଲ୍ ବ୍ୟାଗ୍: ଲୁପ୍ ହ୍ୟାଣ୍ଡେଲ୍ ବ୍ୟାଗ୍ ବଜାରରୁ ଜିନିଷ ଆଣିବାକୁ ସବୁଠାରୁ ଭଲ ଅପସନ୍ । ବଜାରରୁ ଗ୍ରୋସରୀ ଆଣିବାକୁ ଏହା ସବୁଠାରୁ ଭଲ ହୋଇଥାଏ, ଯେଉଁଥିରେ ଏକ ଖୁବ ସୁନ୍ଦର ହ୍ୟାଣ୍ଡେଲ୍ ଲାଗିଥାଏ । ଏହି ହ୍ୟାଣ୍ଡେଲ୍ କାରଣରୁ ଏହି ବ୍ୟାଗକୁ ବ୍ୟବହାର କରିବା ସୁବିଧା ହୋଇଥାଏ ।

ଡି କଟ୍ ବ୍ୟାଗ୍: ଏହି ବ୍ୟାଗ୍ ଗୁଡିକ ଯେଉଁମାନେ ଅଧିକ ସପିଂ କରିଥାଆନ୍ତି ସେମାନଙ୍କ ପାଇଁ ବେଶ୍ ଭଲ ଅପସନ୍ । ଏଥିରେ ଅଧିକ ପରିମାଣରେ ସାମଗ୍ରୀ ଧରିଥାଏ ତେଣୁ ଗ୍ରାହକମାନେ ଏହାକୁ ଅଧିକ ପସନ୍ଦ କରିଥାଆନ୍ତି ।

ଲିଡର ବ୍ୟାଗ୍: ଏହି ବ୍ୟାଗ୍ ରିୟୁଜ୍ ହୋଇପାରୁଥିବାରୁ ଏହାର ଡିମାଣ୍ଡ ଅଧିକ । ଯଦି ଭାରି ସାମଗ୍ରୀ ଉଠାଇବାର ଅଛି ତେବେ ଲିଡର ବ୍ୟାଗର ବ୍ୟବହାର କରନ୍ତୁ ଏହା ଖୁବ ଉପଯୋଗୀ ହୋଇଥାଏ । ତେଣୁ ଏହାର ଡିମାଣ୍ଡ ଖୁବ ଅଧିକ ।

ଟେକ୍ସଟାଇଲ ସପିଂ ବ୍ୟାଗ୍: ରିୟୁଜ୍ ହୋଇପାରୁଥିବାରୁ ଏହାର ଡିମାଣ୍ଡ ଖୁବ ଅଧିକ । ଏହା ପେପର ବ୍ୟାଗ୍‌ର ଅନ୍ୟ ଅପସନ୍ ଭାବେ ବ୍ୟବହାର ହୋଇପାରିବ । ଏହାକୁ ବାରମ୍ବାର ବ୍ୟବହାର ସହିତ ଭାରି ସାମଗ୍ରୀ ଆଣିବାରେ ମଧ୍ୟ ବ୍ୟବହାର କରାଯାଇଥାଏ ।

REUSE
RECYCLE
GIRLS JUST WANNA HAVE FUNDAMENTAL HUMAN RIGHTS

ମୃଣାଳ
mrinalchatterjeeiimc@gmail.com

ଶହେ ବର୍ଷରେ ସଲିଳ ଚୌଧୁରୀ

ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ସଲିଳ ଚୌଧୁରୀଙ୍କ ଜନ୍ମଶତାବ୍ଦୀ ଆରମ୍ଭ ହେଲା ଗତ ୧୯ ନଭେମ୍ବରରେ । ସଲିଳ ଚୌଧୁରୀ ହିନ୍ଦୀ, ବଙ୍ଗଳା, ଓଡ଼ିଆ ଏବଂ ଅନେକ ଦକ୍ଷିଣ ଭାରତୀୟ ସିନେମାରେ ସୁର ସଂଯୋଜନା କରିଛନ୍ତି । ସେ ଗୋଟିଏ ମାତ୍ର ଓଡ଼ିଆ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ: ବତାସି ଝଡ଼ (୧୯୮୧) । ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି । ଗୀତ ଭିତରୁ ରହିଛି – 'ଏ ଆଖି ଯାଏ ଲାଖି, ଦେଖି ସେଇ ନୀଳକଇଁ ଆଖି', 'ସଙ୍ଗିନୀ, ଆ ସଙ୍ଗିନୀ', ଇତ୍ୟାଦି । ସଲିଳ ଚୌଧୁରୀ କେବଳ ଜଣେ କୃତୀ ସଙ୍ଗୀତକାର ନ ଥିଲେ, ସେ ଗୀତ, କବିତା, ଗଳ୍ପ ଲେଖୁଥିଲେ । ସେ ଗୋଟେ ହିନ୍ଦୀ ଚଳଚ୍ଚିତ୍ରର ନିର୍ଦ୍ଦେଶନା ବି ଦେଇଛନ୍ତି: ପିଞ୍ଜ୍‌ରେ କି ପନ୍‌ଛି (ପିଞ୍ଜରାର ଚଢ଼େଇ) । ସେ ଏହାର କାହାଣୀ ଓ ଗୀତ ଲେଖିଥିଲେ, ସଂଗୀତ ନିର୍ଦ୍ଦେଶନା ବି ଦେଇଥିଲେ । ସେ ଅନେକ ବାଦ୍ୟ ଯନ୍ତ୍ର ବଜେଇ ଶିଖିଥିଲେ । ଫ୍ଲୁଟ୍, ଏସ୍ରାଜ୍, ଭାଓଲିନ୍ ଏବଂ ପିଆନୋ ଭଲ ବଜାଇପାରୁଥିଲେ । ସଙ୍ଗୀତକାର ଭାବରେ ତାଙ୍କର ସାର୍ଥକତାର ଅନ୍ୟତମ ମୁଖ୍ୟ କାରଣ ହେଉଛି, ସେ ଲୋକ ସଙ୍ଗୀତଠୁ ପାଶ୍ଚାତ୍ୟ ଧ୍ରୁପଦୀ ସଙ୍ଗୀତ – ବହୁ ପ୍ରକାର ଓ ଧାରାର ସଙ୍ଗୀତକୁ ଅଧ୍ୟୟନ କରି ଦକ୍ଷତା ଅର୍ଜନ କରିଥିଲେ । ପିଲାବେଳେ ସେ ଅନେକ ବର୍ଷ ଆସାମର ଚା' ବଗିଚାରେ କାଟିଥିଲେ, ଯେଉଁଠାରେ ତାଙ୍କ ପିତା ଡାକ୍ତର ଥିଲେ । ସେ ତାଙ୍କ ପିତାଙ୍କ ସଂଗୃହିତ ପାଶ୍ଚାତ୍ୟ ସଙ୍ଗୀତ ଏବଂ ଆସାମ ଓ ବଙ୍ଗର ଲୋକଗୀତ ଦ୍ୱାରା ପ୍ରଭାବିତ ହୋଇଥିଲେ । ଏହା ତାଙ୍କ ସଙ୍ଗୀତ ଚିନ୍ତାଧାରାକୁ ଆକାର ଦେଇଥିଲା । କଲେଜ ପଢ଼ିଲା ବେଳୁ ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇଥିଲେ ଏବଂ ୧୯୪୫ର କୃଷକ ଆନ୍ଦୋଳନରେ ସକ୍ରିୟ ହୋଇଥିଲେ । ଏହା ପରେ ସେ ଆଇପିଟିଏରେ (Indian People's Theatre Association) ଯୋଗଦେଇଥିଲେ । ଏହି ନାଟକ ମଞ୍ଚର ଲକ୍ଷ୍ୟ ଥିଲା ସାଧାରଣ ଲୋକଙ୍କ ରାଜନୈତିକ ସଚେତନତା ବୃଦ୍ଧି କରାଇବା । ଆଇପିଟିଏରେ ଥିଲାବେଳେ ସେ ଗାଁ ଗହଳର ସଙ୍ଗୀତ ସହିତ ଅଧିକ ପରିଚିତ ହେଲେ । ଆଇପିଟିଏ ସହିତ ତାଙ୍କର ସମ୍ପର୍କର ଇତି ହେବା ପରେ ୧୯୫୩ ମସିହାରେ ସେ ବମ୍ବେ ଆସିଲେ । ତାଙ୍କ କାହାଣୀ ଅଲମ୍ବନରେ ବିମଲ ରାୟ ତିଆରି କଲେ 'ଦୋ ବିଘା ଜମୀନ' । ସେ ଏହାର ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ । ଏହା ପରଠୁଁ ସେ ୭୫ରୁ ଅଧିକ ହିନ୍ଦୀ ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେଲେ । ମଧୁମତି (୧୯୫୮, 'ସୁହାନା ସଫର...') ସଂଗୀତ ତାଙ୍କୁ ଦେଶବ୍ୟାପୀ ଖ୍ୟାତି ଆଣିଦେଲା । ସେ ବଙ୍ଗଳାରେ ୪୫, ମାଲୟାଲମରେ ୨୬ ଏବଂ ଅନେକ ଅନ୍ୟାନ୍ୟ ଭାଷାରେ ସଙ୍ଗୀତ ଦେଇଥିଲେ । ୧୯୯୫ ସେପ୍ଟେମ୍ବର ୫ ତାରିଖରେ ସଲିଳ ଚୌଧୁରୀଙ୍କ ମୃତ୍ୟୁ ହୋଇଥିଲା ।



ଭିନ୍ନ ଏକ ମୁକ୍ତିମଣ୍ଡପ

ମୋର ବନ୍ଧୁ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ନିଶା ହେଲା ଓଡ଼ିଶାର ବିଭିନ୍ନ ଜାଗାରେ ଲୋକ ଲୋଚନର ଆଢୁଆଳରେ ରହି ଯାଇଥିବା ସାଂସ୍କୃତିକ ଓ ଧାର୍ମିକ ସ୍ଥାନଗୁଡ଼ିକ ସମ୍ପର୍କରେ ଗବେଷଣା କରିବା ଓ ଲେଖିବା । ସମ୍ପ୍ରତି ସେ ଢେଙ୍କାନାଳ ଜିଲ୍ଲାରେ ଥିବା ଏକ ମୁକ୍ତି ମଣ୍ଡପ ବିଷୟରେ ତାଙ୍କ ସାମାଜିକ ଗଣମାଧ୍ୟମ ପୃଷ୍ଠାରେ ଲେଖିଥିଲେ । ତାକୁ ଏଠି ଉଦ୍ଧାର କରୁଛି । ମୁକ୍ତିମଣ୍ଡପ ଶବ୍ଦଟି ସହିତ ପ୍ରତିଟି ଜଗନ୍ନାଥପ୍ରେମୀ ପରିଚିତ । ଶ୍ରୀଜଗନ୍ନାଥ ମନ୍ଦିର ଭିତର ବେଢ଼ାରେ ଥିବା ମୁକ୍ତିମଣ୍ଡପ କୋଟି କୋଟି ଓଡ଼ିଆଙ୍କ ଭାବାବେଗ ସହିତ ଜଡ଼ିତ । ଏହି ମଣ୍ଡପରେ ଉପବେଶନ କରୁଥିବା ପଣ୍ଡିତବର୍ଗ ଜଗନ୍ନାଥ ସଂସ୍କୃତିର ଧାରକ ଓ ବାହକ ମଧ୍ୟ । ମନ୍ଦିରର ନୀତି ନିୟମରେ କୌଣସି ଦ୍ୱନ୍ଦ୍ୱ ଉପୁଜିଲେ ମୁକ୍ତିମଣ୍ଡପର ପରାମର୍ଶ ଲୋଡାଯାଇଥାଏ । ଆମ ସାମାଜିକ ଓ ବ୍ୟକ୍ତି ଜୀବନରେ କୌଣସି ଆଧ୍ୟାତ୍ମିକ ବିଚ୍ୟୁତି ଦେଖାଦେଲେ ମୁକ୍ତିମଣ୍ଡପର ମତାମତକୁ ଅଗ୍ରାଧିକାର ଦିଆଯାଏ । ଏହି୩୨ ମଣ୍ଡପଟି ଯେତିକି ସୁଦୃଶ୍ୟ ତତୋଧିକ ଆକର୍ଷଣୀୟ ମଧ୍ୟ । ଏହି ମଣ୍ଡପରେ ରହିଛି ୧୬ଟି ସ୍ତମ୍ଭ । ଏହି ୧୬ଟି ସ୍ତମ୍ଭ ପୁରୀର ୧୬ଶାସନର ପ୍ରତିକ । ପ୍ରତ୍ୟେକ ଶାସନ ବାଡ଼ରୁ ବଛା ବଛା ଶାସ୍ତ୍ରଜ୍ଞ ପଣ୍ଡିତ ଏହି ମୁକ୍ତିମଣ୍ଡପକୁ ପ୍ରତିନିଧି କରି ବେଦାଧ୍ୟୟନ ଓ ବହୁବିଧ ଶାସ୍ତ୍ର ଚର୍ଚ୍ଚା ସହିତ ଆମ ଧାର୍ମିକ ବିଶ୍ୱାସକୁ ସୁରକ୍ଷା ପ୍ରଦାନରେ ନିୟୋଜିତ ରହିଥାନ୍ତି । ପ୍ରକାରାନ୍ତରେ ଶ୍ରୀମନ୍ଦିରର ପ୍ରତିଟି କ୍ଷେତ୍ରରେ ମୁକ୍ତିମଣ୍ଡପର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ । ଆମେ ଜାଣିନୁ ଆଉ କୋଉଠି ମୁକ୍ତିମଣ୍ଡପ ଅଛି ନା ନାହିଁ ? କିନ୍ତୁ ଏହି ଆଲେଖରେ ଭିନ୍ନ ଏକ ମୁକ୍ତିମଣ୍ଡପର କଥା ଉପସ୍ଥାପନ କରା ଯାଉଛି । ଏହି ମୁକ୍ତିମଣ୍ଡପଟି ଢେଙ୍କାନାଳ ଜିଲ୍ଲାର, ହିନ୍ଦୋଳ ଉପଖଣ୍ଡର ବାଲିମି ଥାନା ୨ଅନ୍ତର୍ଗତ ରଞ୍ଜାଗୋଳ ଗାଁର ଧୂନିଘର ମଠ ପରିସରରେ ଅବସ୍ଥିତ । ଆଜିକୁ ପ୍ରାୟ ତିନି ଶହ ବର୍ଷତଳେ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନରେ ବାଙ୍କଟ ବିହାରୀ ନାମକ ଜଣେ ସିଦ୍ଧ ବ୍ରହ୍ମ ସାଧକ ଆଶ୍ରମ ପ୍ରତିଷ୍ଠା କରି ଏଠାରେ ଅଖଣ୍ଡ ଧୂନି ସ୍ଥାପନ କରି ସାଧନା କରୁଥିଲେ । ଏହି ପରିସରରେ ବାଙ୍କଟ ବିହାରୀ ନିଜ ସାଧନା ପାଇଁ ଧ୍ୟାନ ଗୃହ, ଆବାସ ସ୍ଥଳୀ, ସ୍ନାନ ମଣ୍ଡପ, ପାବଚ୍ଛକୂପ ଇତ୍ୟାଦି ନିର୍ମାଣ କରିଥିଲେ । ବାଙ୍କଟ ବିହାରୀଙ୍କ ଅଲୌକିକତା ଓ ଆଧ୍ୟାତ୍ମିକ ପ୍ରଭାବ ଏବେବି ସ୍ଥାନୀୟ ଲୋକ ବିଶ୍ୱାସରେ ଗଭୀର ରେଖାପାତ କରୁଛି । ତେବେ ଏହି ମଠ ପରିସରରେ ରହିଛି ଏକ ମୁକ୍ତି ମଣ୍ଡପ । ପୁରୀ ମୁକ୍ତିମଣ୍ଡପ ପରି ଏହା ଏତେ ବିଶାଳ ନୁହେଁ । ଏହାର ଆକୃତି ଚତୁଷ୍କୋଣୀ ନହୋଇ ଗୋଲାକାର । ଏହି ଗୋଲାକାର ବିଶିଷ୍ଟ ମଣ୍ଡପରେ ରହିଛି ୧୩ଟି ସ୍ତମ୍ଭ । ଏହି ୧୩ଟି ସ୍ତମ୍ଭ ତେରଜଣ ଋଷିଙ୍କୁ ପ୍ରତିନିଧି କରିଥାନ୍ତି । ଦୂରରୁ ଦେଖିଲେ ତେରଟିଯାକ ଖମ୍ବ ଏକାପରି ଦିଶନ୍ତି । କିନ୍ତୁ ସେଗୁଡିକୁ ପାଖରୁ ଦେଖିଲେ ପ୍ରତିଟି ସ୍ତମ୍ଭ ଭିନ୍ନ ଭିନ୍ନ ଆକୃତିର ଏବଂ ପ୍ରତ୍ୟେକ ସ୍ତମ୍ଭ ପ୍ରତ୍ୟେକଠାରୁ ସମାନ ଦୂରତାରେ ଅବସ୍ଥିତ । ମଣ୍ଡପଟି ଏକ ମନ୍ଦିର ପରି ଦୃଶ୍ୟମାନ । ପୁରୀର ମୁକ୍ତିମଣ୍ଡପ ପରି ଏଠାରେ କୌଣସି ପଣ୍ଡିତ ସଭା ବସେ ନାହିଁ । ମାତ୍ର ଏଠାରେ କିଛି ସମୟ ଉପବେସନ କଲେ ଏକ ଦିବ୍ୟ ଅନୁଭବରେ ମନ ଆପ୍ଲୁତ ହୋଇଯାଏ ବୋଲି ଏବେବି ଲୋକମାନଙ୍କର ଦୃଢ଼ ବିଶ୍ୱାସ ରହିଛି । ଧୂନିଘର ମଠ ପରିସରରେ ଥିବା ଏହି ମୁକ୍ତିମଣ୍ଡପ ସମସ୍ତ ଜାଗତିକ ବନ୍ଧନରୁ ମୁକ୍ତି ଦେଇ ହୃଦୟରେ ଏକ ଦିବ୍ୟାନୁଭବ ସୃଷ୍ଟି କରେ । ଆମ ସାଂସ୍କୃତିକ ବିବିଧତା ଓ ପ୍ରାଚୀନ ଐତିହ୍ୟର ମୁକସାକ୍ଷୀ ରୂପେ ରଞ୍ଜାଗୋଳ ଧୂନିଘର ମଠର ଏହି ଅନନ୍ୟ ମୁକ୍ତିମଣ୍ଡପଟି ସତରେ ଏକ ବିସ୍ମୟ ।



ଫୁଲକୋବି

ଶୀତଳ ଭଣ୍ଡାର ସୌଜନ୍ୟରୁ ଏବେ ତ ତୁମେ ଖରା ବର୍ଷା ଦିନରେ ବି ମିଳୁଛ, ହେଲେ ନଭେମ୍ବର– ଡିସେମ୍ବର– ଜାନୁଆରୀ ଶୀତଦିନରେ ତୁମ ରୂପର ତୁଳନା ନାହିଁ । ସବୁଜ ପତ୍ର ଘେରା ତୁମ ଶୁଭ୍ରା ମୁଖମଣ୍ଡଳ– ଯେମିତି ପୂର୍ଣ୍ଣଚନ୍ଦ୍ରର ଏକ ଝଲକ । ଯେମିତି ସ୍ୱପ୍ନରେ ଦେଖିଥିବା ଏକ ରାଜକନ୍ୟା । ଆଉ ତୁମ ଦେହର ସ୍ପର୍ଶ, ସୁଗନ୍ଧ – ତୁଳନା ଦେବାକୁ ମୁଁ ଭାଷା ଖୋଜି ପାଉନି । ତୁମେ ଏତେ ସୁନ୍ଦର, ତୁମ ପ୍ରଶଂସକ, ପ୍ରେମିକ କମ ନ ଥିବେ । କିନ୍ତୁ ଈଶ୍ୱର ଜାଣନ୍ତି ମୁଁ ଅନ୍ତରର କେଉଁ ଗଭୀରତାରୁ ତୁମକେ ଭଲ ପାଏ ! ଭଜା ହେଉ ବା ତରକାରୀ, ଖେଚେଡ଼ିରେ ଅଧ ସିଝା ଭାବରେ ଥାଅ କି ସିଙ୍ଗଡ଼ାରେ ପୁର ଭାବରେ ଥାଅ, ପକୋଡାରେ ଭଜା ହୋଇ ଥାଅ, କି ସାଲାଡରେ କଞ୍ଚା କଟା ହୋଇ ଥାଅ – ତୁମେ ଯେଉଁ ରୂପରେ, ଯେଉଁ ଅବସ୍ଥାରେ ଥାଅ – ମୁଁ ତୁମକୁ ଭଲ ପାଏ । ଏମିତିରେ ପରିବା ହାଟକୁ ଯିବାକୁ ମୋତେ ଭଲ ଲାଗେନି । ହେଲେ ଶୀତ ଦିନେ କେବଳ ତମକୁ ଦେଖିବି ଆଉ ଘରକୁ ଆଣିବି ବୋଲି ମୁଁ ବଜାର ଯାଏ ।

ଦି ରୋଶନ୍

ନିକଟରେ ହ୍ରିତିକ୍ ରୋଶନ ସୋସିଆଲ ମିଡିଆରେ ଏକ ଆନାଉଂସମେଣ୍ଟ କରିଛନ୍ତି ଯାହା ତାଙ୍କ ଫ୍ୟାନମାନଙ୍କ ଖୁବ ପସନ୍ଦ ଆସିଛି । ଖୁବଶୀଘ୍ର ଦି ରୋଶନ୍ ନାମକ ଏକ ୱେବ୍ ସିରିଜ୍ ରିଲିଜ୍ ହେବାକୁ ଯାଉଛି, ଯାହାକୁ ନେଇ ଦର୍ଶକମାନେ ଖୁବ ଖୁସି ଅଛନ୍ତି । ଏହି ସିରିଜ୍‌ଟି ସମ୍ପୂର୍ଣ୍ଣଭାବେ ରୋଶନ୍ ପରିବାରକୁ ନେଇ ନିର୍ମାଣ କରାଯାଇଛି । ଏହି ସିରିଜ୍‌ରେ ରୋଶନ ପରିବାରର ହିନ୍ଦି ସିନେମା ପାଇଁ ଯୋଗଦାନ ସମ୍ପର୍କରେ ଦର୍ଶାଯାଇଛି । ଏହା ଡକ୍ୟୁମେଣ୍ଟାରୀ ସିରିଜ୍ ଯେଉଁଥିରେ ରୋଶନ ଲାଲ ନାଗରଥ, ରାଜେଶ ରୋଶନ, ରାକେଶ ରୋଶନ ଓ ହ୍ରିତିକ୍ ରୋଶନଙ୍କର ଜର୍ଣ୍ଣି ଦେଖିବାକୁ ମିଳିବ । ଏହି ସିରିଜ୍ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ୍ ହେବାନେଇ ସୂଚନା ରହିଛି । ଏହି ସିରିଜ ମାଧ୍ୟମରେ ଲୋକମାନେ ରୋଶନ ଫ୍ୟାମିଲି ବିଷୟରେ ଅଧିକ ଜାଣିପାରିବେ ବୋଲି ମତ ପ୍ରକାଶ ପାଇଛି ।

ରାମାୟଣରେ ଏଣ୍ଟ୍ରି ନେଇ ଉତ୍ସାହିତ

ଟେଲି ଅଭିନେତା ରବି ଦୁବେଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ସୂଚନା ଅନୁସାରେ ରବି ଦୁବେଙ୍କୁ ଏଥିରେ ଦର୍ଶକ ଦେଖିବେ । ରଣବୀର କପୁର ଓ ସାଇ ପଲ୍ଲବୀଙ୍କ ସହିତ ରବି ସ୍କ୍ରିନ ସେୟାର କରିବାକୁ ଯାଉଛନ୍ତି । ଏଥିରେ ରବିଙ୍କୁ ଲକ୍ଷ୍ମଣ ଭୂମିକାରେ ଦେଖିବାକୁ ମିଳିବ । ରବି ନିଜର ଏହି ଚରିତ୍ରକୁ ନେଇ ଖୁବ ଉତ୍ସାହିତ ଅଛନ୍ତି । ଏଭଳି ବଡ ପ୍ରୋଜେକ୍ଟରେ ତାଙ୍କୁ ସୁଯୋଗ ମିଳିଥିବାରୁ ସେ ଖୁସି ଅଛନ୍ତି, ଏହା ସହିତ କିଭଳି ନିଜକୁ ପ୍ରୁଫ କରିପାରିବେ ସେନେଇ କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି । ସେହିଭଳି ପ୍ରଥମଥର ପାଇଁ ମେଗାଷ୍ଟାର ରଣବୀର କପୁରଙ୍କ ସହିତ ସ୍କ୍ରିନ୍ ସେୟାର କରିବାକୁ ଯାଉଥିବାରୁ ଏହା ତାଙ୍କ କ୍ୟାରିୟର ପାଇଁ ଟର୍ଣ୍ଣିଂ ପଏଣ୍ଟ ହେବ ବୋଲି ରବି ମତ ଦେଇଛନ୍ତି ।



ନିକଟରେ ଜାହ୍ନବୀ କପୁରଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ଏକ ଟିସାର୍ଟ ପିନ୍ଧିଛନ୍ତି, ଯାହା ତାଙ୍କ ପ୍ରେମରେ ମୋହର ଲଗାଇଛି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ଏହି ଟି ସାର୍ଟଟି ଏକ କଷ୍ଟମାଇଜ୍ଡ ଟି ସାର୍ଟ । ଏହି ଟି ସାର୍ଟରେ ଜାହ୍ନବୀଙ୍କ ର୍ୟୁମର୍ଡ ବୟଫ୍ରେଣ୍ଡ୍ ଶିଖର ପହାଡିଆଙ୍କ ନାଁ ଲେଖା ହୋଇଛି। ପୂର୍ବରୁ ମଧ୍ୟ ଜାହ୍ନବୀ ଏକ ହାର ପିନ୍ଧିଥିଲେ ଯେଉଁଥିରେ ଶିଖର ଲେଖାଥିବା ଲକେଟ୍ ଲାଗିଥିଲା । ତେଣୁ ଉଭୟଙ୍କ ସମ୍ପର୍କ ନେଇ ଜାହ୍ନବୀ ସବୁବେଳେ ପରୋକ୍ଷରେ ସୂଚନା ଦେଇଥାଆନ୍ତି । ହେଲେ ଉଭୟେ ଏବେ ଯାଏଁ ନିଜ ରିଲେସନସିପ୍‌କ ପବ୍ଲିକ୍ କରିନାହାନ୍ତି କି ଖୋଲାଖୋଲି କେଉଁଠି ଏକାଠି ଦେଖା ମଧ୍ୟ ଯାଆନ୍ତି ନାହିଁ ।

ଟି-ସାର୍ଟ ଲଗାଇଲା ମୋହର

ପାରିଶ୍ରମିକ ଏକ ଟଙ୍କା

ବି ଟାଉନ୍‌ର ମହାନାୟକ ଅମିତାଭ ବଚ୍ଚନ ଅନେକ ସମୟରେ ନିଜର ପ୍ରଫେସନାଲ କ୍ୟାରିୟରକୁ ନେଇ ଚର୍ଚ୍ଚାରେ ରହିଥାଆନ୍ତି । ସେହିଭଳି ଏକ ଘଟଣାକୁ ନେଇ ବର୍ତ୍ତମାନ ସେ ଚର୍ଚ୍ଚାରେ ଅଛନ୍ତି । ତାଙ୍କର ସୁପରହିଟ୍ ଫିଲ୍ମ ମହବତ୍ତେ ପାଇଁ ସେ ୟଶ ଚୋପ୍ରାଙ୍କ ପାଖରୁ ମାତ୍ର ଏକ ଟଙ୍କା ପାରଶ୍ରମିକ ଭାବେ ନେଇଥିଲେ । ଏନେଇ ଫିଲ୍ମମେକର ନିଖିଲ ଆଡଭାନୀ ନିକଟରେ ସୂଚନା ଦେଇଛନ୍ତି । ପ୍ରଥମରୁ ଏହି ଫିଲ୍ମ ପାଇଁ ଅମିତାଭ ଅଧିକ ଫିସ୍ ଡିମାଣ୍ଡ କରିଥିଲେ ହେଲେ ପରେ ଏକ ଟଙ୍କା ନେଇ ଘରକୁ ଫେରିଥିଲେ । ସେତେବେଳେ ଇଣ୍ଡଷ୍ଟ୍ରୀ ଖୁବ ସିମ୍ପଲ ଥିଲା, ଆଗରୁ ସମ୍ପର୍କର ମଜବୁତି ଉପରେ ଫିଲ୍ମ ପ୍ରସ୍ତୁତ କରାଯାଉଥିଲା । ହେଲେ ବର୍ତ୍ତମାନ ସମୟ ବଦଳିଛି, ମାହୋଲ ପରିବର୍ତ୍ତନ ହୋଇଛି । ଇଣ୍ଡଷ୍ଟ୍ରୀ ଆଉ ସହଜ ଓ ସରଳ ନାହିଁ ।



୧୭ ବର୍ଷ ପରେ ଘର ବାହୁଡା

ଜୀ ଟିଭିର ଏକ ନୂଆ ଶୋରେ ଦର୍ଶକ ଦେଖିବାକୁ ପାଉଛନ୍ତି ରାଜଶ୍ରୀ ଠାକୁରଙ୍କୁ । ପାଖାପାଖି ୧୭ ବର୍ଷ ପରେ ସେ ଜୀ ଟିଭିକୁ ଫେରିଥିବା ଜଣା ପଡିଛି । ଏତେ ଦିନର ବ୍ୟବଧାନ ପରେ ଚ୍ୟାନେଲକୁ ଫେରିଥିବାରୁ ଖୁବ ଉତ୍ସାହିତ ଅଛନ୍ତି ରାଜଶ୍ରୀ । ପୂର୍ବରୁ ନିଜ ଶ୍ୟାମଳ ରଙ୍ଗ ପାଇଁ ଲୋକଙ୍କୁ ବେଶ ପସନ୍ଦ ଆସିଥିଲେ । ନିଜ କ୍ୟାରିୟର ସେ ଜୀ ଟିଭିରୁ କରିଥିବାରୁ ସବୁବେଳେ ଚ୍ୟାନେଲ୍ ପାଇଁ ତାଙ୍କ ମନରେ ଦୁର୍ବଳତା ରହିଛି । ସେହିଭଳି ଏହି ନୂଆ ଶୋକୁ ମଧ୍ୟ ଦର୍ଶକ ଖୁବ ଭଲପାଇବା ଦେବେ ବୋଲି ସେ ଆଶା ରଖିଛନ୍ତି । ସେ ସିରିଏଲ୍‌ର ମେକର୍ସଙ୍କୁ ମଧ୍ୟ ଖୁବ ଧନ୍ୟବାଦ ଦେଇଛନ୍ତି, ଯେଉଁମାନେ ତାଙ୍କ ଉପରେ ଆଶା ବିଶ୍ୱାସ ରଖି ତାଙ୍କୁ ସୁଯୋଗ ଦେଇଛନ୍ତି ।

ଶୀତରେ ବୋଉ

ଶୀତ ଆସେ ମାଡ଼ି ବାଘ ପରି
ତା'ପ୍ରକୋପକୁ ନଯାଉ ଡରି
ବୋଉର କୋଳ ନିଏ ଆଦରି
ଶୀତ ପଳାଏ ବୋଉକୁ ଡରି ।।
ପଣତ ତା' ଏତେ ଲମ୍ବା
ଉଣା ପଡେନି ପିଲା ପାଇଁକା
ବୋଉ ପାଖେ ଶୀତର ଜାଡ଼
ଶୀତକୁ ନଥାଏ ତିଳେ ଖାତର ।।
ଶୀତ ସକାଳେ ଗରମ ଜାଉ
ଲାଗେନା ଶୀତ ଭୁଞ୍ଜିଲେ ତା'କୁ
ସଂଘାରୁ କାଢ଼େ ଗରମ ବସ୍ତ୍ର
ପିନ୍ଧିଲେ ପିଲେ ମୁହଁରେ ହସ ।।
ଶୀତରେ ବୋଉ ଚଳଚଞ୍ଚଳ
ସ୍ନାହାନ କରେ ବଡ଼ି ଭୋର
ଡରନି ଶୀତକୁ, ମନେଇ କହେ
ଅଳସୁଆ ତୁଚ୍ଛା ଯେ' ଶୀତକୁ ଡରେ ।।
ଶୀତ ଋତୁ ଏମିତିକା
ଆସିଥାଏ ଆମ ଭଲ ପାଇଁକା
ହାଡଥରା ଶୀତ ନେବା ସହି
ଏହି ଦିନେ କେହି ପଡେନି ଥକି ।।
ଥିଲେ ପାଶେ ମୋ' ବୋଉ
ଶୀତର କେବେ ନରହେ ଭାଉ
ସବୁ ବ୍ୟବସ୍ଥା କରିଥାଉ
ଶୀତରେ କେତେ ମଜା କରୁ ।।
ବୋଉକୁ ଲାଗେନା ଶୀତ ସେମିତି
ଥାଏ କାର୍ଯ୍ୟବ୍ୟସ୍ତ ଦିବା ରାତି
ଶୀତ ଋତୁ ପରି ଋତୁ ନାହିଁ
ଶୀତର ମଜା କେଉଁଠି ନାହିଁ ।।

ଚିତ୍ତରଞ୍ଜନ ମହାନ୍ତି
ତଗିରା, ରାଣୀତାଲ, ଭଦ୍ରକ
ମୋ: ୯୪୩୮୬୭୦୧୫୦

ସିଏ ତ ଆମ ବାପା



ଜନମ ଦେଇଛି ଜନନୀ ବୋହିଛି
ଦୁଃଖ ଯନ୍ତ୍ରଣାର ଭାର
ହାତଧରି ବାପା ବାଟ ଦେଖେଇଛି
ଏତେ ବଡ ଦୁନିଆଁର ।।
ମାଆ ସିନା ଦିଏ ମୁଖରେ ଆହାର
ଅମୃତ ସମାନ କ୍ଷୀର
ବାପା ଖଟି ଆଣେ ସଉଦା ଘରକୁ
ରକତକୁ କରି ନୀର ।।
ମାଆର ହୃଦୟ ଅଟଇ କୋମଳ
ଫୁଲ ସହ ସଦା ତୁଳ
ଉପରେ କଠିଣ ଭିତରେ ନରମ
ବାପା ନାରିକେଳ ଫଳ ।।
ପୁଣ୍ୟ ମନ୍ଦାକିନୀ ପ୍ରୀତି ନିର୍ଝରିଣୀ
ମାଆ ମମତାର ଧାର
ବାପାଙ୍କ ହୃଦୟ ବିଶାଳ ଆକାଶ
କ୍ଷମା ଯହିଁ ଭରପୁର ।।
ମାଆଟି ଆମର ସେନେହ ସାଗର
ଭରା ତହିଁ ଅନୁରାଗ
ଛାତିଟି ଯାହାର ଦେବଭୂମି ତୁଲ୍ୟ
ବାପା ଆମ ପାଇଁ ସ୍ୱର୍ଗ ।।
ମନର ସାହସ ଶତ ସିଂହ ବଳ
ଧୈର୍ଯ୍ୟ ଉଚ୍ଚ ପରବତ
ବାପା ନାମ ଗୋଟି ଅକ୍ଷର ଦୁଇଟି
ପାଦେ ଭକ୍ତି ମଥାନତ ।।

ସୁହଂସ ଭୋଇ
ପହଣ୍ଡି, ବରଗଡ଼
ମୋ: ୯୪୩୭୫୨୨୪୫୫

ବହି ମେଳା

ମେଳାରେ ବସେ ମେଳାରେ ହସେ
ସୁନ୍ଦର ବହିମାଳା
ସହର ଭଳି ଗାଆଁରେ ଏବେ
ହେଲାଣି ବହି ମେଳା ।।
ମେଳାରେ ବସେ ମେଳାରେ ଦିଶେ
ସୁଦୃଶ୍ୟ ବହିମାଳା
ବହି ମୋହରେ କେ ଆସି ବୁଲେ
ଖୁସିରେ ବହି ମେଳା ।।
ମେଳାରେ ରହେ ମେଳାରେ ଶୋହେ
ସୁଲଭ ବହିମାଳା
କେତେଦିନିଆ ସଞ୍ଜବେଳିଆ
ବସେ ସେ ବହି ମେଳା ।।
ମେଳାରେ ଥାଏ ମେଳାରେ ମୋହେ
ଥାକର ବହିମାଳା
କେ ଆସି ଦେଖେ ଦେଖି ପରଖେ
ବିପଣି ବହି ମେଳା ।।
ମେଳାରେ ବାସ ମେଳାରେ ବେଶ
ସାଇତା ବହିମାଳା
ବହି ପ୍ରେମରେ କେ କିଣି ନିଏ
ବୁଲିକି ବହି ମେଳା ।।

ଧ୍ରୁବ ଚରଣ ଘିବେଲା
ବଉଦରାଜ, ବୌଦ୍ଧ
ମୋ: ୯୪୩୭୪୭୮୪୬୬

ଶୀତ ବଣଭୋଜି

ଆସିଛି ଶୀତ ଗାଇବା ଗୀତ
ଖେଳିବା ହସି ହସି
ପଢ଼ିବା ପାଠ ଖାଇବା ଭାତ
ମଉଜେ ବସି ବସି ।।
ହାଟକୁ ଯାଇ ଆଣିବା କିଣି
ପନି ପରିବା ବାଛି
ଆଳୁ ମଟର କୋବି ଗାଜର
ମସଲା ଯାହା ଅଛି ।।
କରିବା ଭୋଜି ଖୁସିରେ ମଜି
ସଭିଏଁ ମିଳି ମିଶି
ଛୁଟିଦିନରେ ଖାଇବା ଭୋଜି
ଏକାଠି ଆମେ ବସି ।।
ନଇ ସେପାରି ପାହାଡ ତଳେ
ବଣ ଝରଣା କୂଳେ
ଏକାଠି ହେଇ ବସିବା ସେଠି
ବରଗଛର ମୂଳେ ।।
ଶୀତଦିନର ବଣଭୋଜିଟି
ଦିଏ ସଭିଙ୍କୁ ସୁଖ
ମିଳି ମିଶିକି କରିଲେ ଭୋଜି
ଜଣାପଡେନି ଦୁଃଖ ।।
ନିରାମିଷର ଆହାର ଖାଇ
ସୁସ୍ଥ ରଖିବା ଦେହ
ଆମିଷ ଖାଦ୍ୟ ପାଖରେ ଜମା
ରଖିବା ନାହିଁ ମୋହ ।।
ବଣଭୋଜି ତ ବଢ଼ାଇ ଦିଏ
ମନେ ଏକତା ଭାବ
ଏକତା ରଖି ଚଳିଲେ ଛୁଟେ
ସୁଖେ ଜୀବନ ନାବ ।।

ପ୍ରଶାନ୍ତ କୁମାର ଦାଶ
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

ବାସ ସ୍ଥାନଟି ଜାଣ

ଜିତୁ ପ୍ରଧାନ
ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ: ୭୬୮୧୦୪୪୮୬୪

ବେଙ୍ଗୁଲି ନାନୀ ବେଙ୍ଗୁଲି ନାନୀ
କେଉଁଠି ବାସ ତୋର
ହସି କହିଲା ବେଙ୍ଗୁଲି ନାନୀ
ସାରୁ ବୁଦା ମୋ ଘର ।।
ତିମିରେ ତିମି ଏଡ଼େ ବିଶାଳ
କେଉଁ ସ୍ଥାନେ ତୋ ଘର
କହିଲା ତିମି ମନେ ରଖିବ
ଘରର ନାମ ସାଗର ।।
ଠେକୁଆ ଭାଇ ଯାଆ ତୁ କହି
ତୋ ଘର ନାମ କ'ଣ
କୁନି ଠେକୁଆ ଟିକିଏ ହସି
କହେ ମୋ ଘର ବଣ ।।
ବାଘ ମାମୁ ହେ କୁହ ଆମକୁ
ତୁମ ଘର ଠିକଣା
କହଇ ବାଘ ଘଞ୍ଚ ଜଙ୍ଗଲ
ମୋ ଘର ହୁଏ ଗଣା ।।
ବୁଢ଼ା ମାଙ୍କଡ଼ ଖାଇ କାଙ୍କଡ଼
କହିଲା ମନେ ରଖ
ରହେ ସବୁଠି, ଯେଉଁଠି ତୁମେ
ବଡ଼ ଗଛଟି ଦେଖ ।।
ପୁଷି ମାଉସୀ କହ କେଉଁଠି
ତିଆରି କରୁ ଘର
କହଇ ପୁଷି ତୁମରି ଘରେ
ରହିବା ହୁଏ ମୋର ।।



ମ୍ୟାରେଜ୍‌କାର୍ଡ ଫ୍ରଡ୍

ଆଜିର ସମୟରେ ଡିଜିଟାଲ୍ ଫ୍ରଡ୍ ନିତିଦିନିଆ ଘଟଣା ହୋଇଥିବା ବେଳେ ଏବେ ଠକମାନେ ଏଥିରେ ଆଉଏକ କୌଶଳ ସାମିଲ କରିଛନ୍ତି । ତାହା ହେଉଛି 'ଡିଜିଟାଲ୍ ମ୍ୟାରେଜ୍‌କାର୍ଡ ଫ୍ରଡ୍' । ହ୍ୱାଟ୍ସଅପ୍ ଓ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ଏକ ଫେକ୍ ରିସିଭ୍ କଲାମାତ୍ରେ ଫୋନ୍‌ର ପୂରା କଣ୍ଟ୍ରୋଲ୍ ଠକଙ୍କ ହାତକୁ ଚାଲିଯାଉଛି ଓ ବିନା ଓଟିପିରେ ସେମାନେ ଆକାଉଣ୍ଟ ଖାଲି କରିଦେଉଛନ୍ତି ।

ଆଧୁନିକତାର ଏହି ଯୁଗରେ ଚତୁର ସାଇବର ଠକମାନେ ନୂଆ ନୂଆ ଉପାୟ ଆପଣାଉଛନ୍ତି । ନିକଟରେ ସାଇବର କ୍ରାଇମ୍ ୟୁନିଟ୍‌କୁ ମିଳିଥିବା କିଛି ଅଭିଯୋଗ ଅନୁସାରେ ଏବେ ଲୋକେ ୱାଟ୍ସଆପ୍ ଓ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ଠକାମୀର ଶିକାର ହେଉଛନ୍ତି । ଏହି ଦୁଇ ଫୋନ୍ ଆପ୍‌ରେ ବିବାହ ନିମନ୍ତ୍ରଣ, ବ୍ୟାଙ୍କ ମେସେଜ୍, ନ୍ୟୁଜ୍ ଲିଙ୍କ୍, ବଧାଇ ସନ୍ଦେସ ଆସୁଛି ଯାହା ଅତ୍ୟନ୍ତ ଜରୁରୀ ଭଳି ଲାଗୁଛି । ଏହାକୁ କ୍ଲିକ୍ କରିବାମାତ୍ରେ ଅଜାଣତରେ ଏହା 'ଏପିଆଇ କି'କୁ ହିଟ୍ କରୁଛି । ଏହାପରେ ମେସେଜ୍ ପଠାଇଥିବା ବ୍ୟକ୍ତି ଡିଭାଇସ୍‌କୁ ସମ୍ପୂର୍ଣ୍ଣ ହ୍ୟାକ୍ କରିନେଉଛି ।

ବିବାହ ଋତୁରେ ଅନ୍‌ଲାଇନ୍ ନିମନ୍ତ୍ରଣପତ୍ର ଆସିବା ଏବେ ଚଳଣି ପାଲଟିଥିବାବେଳେ ଏହି ମାଧ୍ୟମର ସାଇବର ଠକମାନେ ଫାଇଦା ଉଠାଇବାରେ ଲାଗିପଡ଼ିଛନ୍ତି । ହ୍ୱାଟ୍ସଆପ୍‌ରେ ଅବିକଳ ଡିଜିଟାଲ୍ ବିବାହ କାର୍ଡ ପରି ଦେଖାଯାଉଥିବା ଏକ ଭାଇରସ୍ ଫାଇଲ୍ (ଏପିକେ ଫାଇଲ୍) ପଠାଯାଉଛି । ଫ୍ରଡ୍‌ମାନେ ଏହି କାର୍ଡର ବ୍ୟବହାର ଭାଇରସ୍ ପ୍ରସାର ଓ ପର୍ସନାଲ୍ ଡାଟା ଚୋରି ପାଇଁ ବ୍ୟବହାର କରୁଛନ୍ତି । ନିକଟରେ ବିକାନୋର୍‌ର ଜଣେ ଯୁବକ ଏଭଳି ସ୍କାମ୍‌ର ଶିକାର ହୋଇଛନ୍ତି । କୈଳାସ ନାମକ ଏହି ଯୁବକଙ୍କ ଫୋନ୍‌କୁ ୱାଟ୍ସଆପ୍‌ରେ ଏକ ବିବାହ ନିମନ୍ତ୍ରଣପତ୍ର ଆସିଥିଲା । ଏହାକୁ ଖୋଲିବାରୁ ତାହା କୌଣସି ପରିଚିତଙ୍କର ନ ଥିଲା । ତେଣୁ ସେ ଏହାକୁ ଅଣଦେଖା କରିଦେଇଥିଲେ । ହେଲେ ୪ ଦିନ ପରେ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ୪.୫୦ ଲକ୍ଷ ଟଙ୍କା ଗାଏବ ହୋଇଯାଇଥିଲା । ଯାଞ୍ଚ ପରେ ଜଣାପଡ଼ିଥିଲା ଏହା ସାଇବର ଠକଙ୍କ କାମ । ଡିଜିଟାଲ୍ ମ୍ୟାରେଜ୍ ମ୍ୟାସେଜ୍ ହେଉଛି ତାଙ୍କ ଠକିବାର ନୂଆ ମାଧ୍ୟମ ।

ଏପିକେ ଫାଇଲ୍ ସ୍କାମ୍

ଏହି ସ୍କାମ୍‌ରେ ଠକମାନେ ହ୍ୱାଟ୍ସଅପ୍ କିମ୍ବା ଅନ୍ୟ ମେସେଜିଂ ପ୍ଲାଟ୍‌ଫର୍ମ ମାଧ୍ୟମରେ ଏକ ଲିଙ୍କ୍ କିମ୍ବା ପିଡିଏଫ୍ (ଏପିକେ) ଫାଇଲ୍ ପଠାଇଥାନ୍ତି । ଏହାକୁ ଖୋଲିବା ମାତ୍ରେ ଫୋନ୍ ହ୍ୟାକ୍ ହୋଇଯାଇପାରେ । ପିଡିଏଫ୍ କିମ୍ବା ଲିଙ୍କ୍‌ରେ ଏକ ମାଲ୍‌ୱେୟାର୍ ଲୁଚି ରହିଥାଏ । ଏହା ଫୋନ୍ ସହିତ ଜଡ଼ିତ ବ୍ୟାଙ୍କିଙ୍ଗ୍ ଡିଟେଲ୍ସ ଚୋରାଇ ନେଇଥାଏ । ଆଶ୍ଚର୍ଯ୍ୟର କଥା ଏହି ଲୁଟ୍ ପାଇଁ ଠକମାନଙ୍କୁ ଓଟିପିର ଆବଶ୍ୟକତା ପଡ଼େନାହିଁ । ସେମାନେ ଅତି ସହଜରେ ଫୋନ୍‌ର ମ୍ୟାସେଜ୍, ସମ୍ବେଦନଶୀଳ ତଥ୍ୟ, ଓଟିପି ଓ ବ୍ୟାଙ୍କ୍ ପିନ୍‌କୁ ଆକ୍‌ସେସ୍ କରିନିଅନ୍ତି । ଲିଙ୍କ୍ ବା ଫାଇଲ୍‌କୁ ଖୋଲିବା ମାତ୍ରେ ମନକୁ ମନ ଏକ ସଫ୍ଟୱେୟାର୍ ଫୋନ୍‌ରେ ଇନ୍‌ଷ୍ଟଲ୍ ହୋଇଯାଏ । ଏହି ସଫ୍ଟୱେର୍ ବ୍ୟାକ୍‌ଗ୍ରାଉଣ୍ଡ୍‌ରେ ବ୍ୟାଙ୍କିଙ୍ଗ୍ ଆପ୍ସ ଓ ଡିଟେଲ୍ସକୁ ଟ୍ରାକ୍ କରେ ଓ ବିନାନୁମତିରେ ଟ୍ରାଞ୍ଜାକ୍‌ସନ୍‌କୁ ରୂପ ଦେଇପାରେ ।

ଟେଲିକମ୍ ଡିପାର୍ଟମେଣ୍ଟ ଏପରି ସ୍କାମ୍‌କୁ ନେଇ ସାବଧାନତା ଅବଲମ୍ବନ କରିବାକୁ ସତର୍କ କରାଇଛି । କୌଣସି ଅଜଣା ଲିଙ୍କ୍ କିମ୍ବା ପିଡିଏଫ୍ ଫାଇଲ୍‌କୁ ଡାଉନ୍‌ଲୋଡ୍ ନ କରିବାକୁ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି । ଯଦି କେହି ଅଜ୍ଞାତରେ ଏହି ଫ୍ରଡ୍‌ର ଶିକାର ହୋଇଯାଏ ତେବେ ବିବ୍ରତ ନ ହୋଇ ତୁରନ୍ତ ୧୯୩୦ ହେଲ୍ପଲାଇନ୍‌ରେ ଅଭିଯୋଗ କରିବା ସହ ବ୍ୟାଙ୍କ୍ ଓ ସାଇବର ସେଲ୍‌ର ଦ୍ୱାରସ୍ଥ ହେବା ଜରୁରୀ ବୋଲି କୁହାଯାଇଛି ।

ସାବଧାନତା

▶ଅଜଣା ସୂତ୍ରରୁ ଆସୁଥିବା କୌଣସି ଲିଙ୍କ୍ କିମ୍ବା ଫାଇଲ୍‌କୁ ଖୋଲନ୍ତୁ ନାହିଁ ।

▶ଯଦି ଫୋନ୍‌କୁ ହ୍ୱାଟ୍ସଆପ୍ ମାଧ୍ୟମରେ ବିବାହ ନିମନ୍ତ୍ରଣପତ୍ର ଆସେ ପ୍ରଥମେ ତା'ର ସତ୍ୟତା ଜାଣିବାକୁ ଚେଷ୍ଟା କରନ୍ତୁ ।

▶ଏପିକେ ଫାଇଲ୍‌କୁ ଆଦୌ ଇନ୍‌ଷ୍ଟଲ୍ କରନ୍ତୁ ନାହିଁ । ଅଜାଣତରେ ଯଦି ଇନ୍‌ଷ୍ଟଲ୍ ହୋଇଯାଏ ତେବେ ତୁରନ୍ତ ଏହାକୁ ମୋବାଇଲ୍‌ରୁ ରିମୁଭ୍ କରିଦିଅନ୍ତୁ । ଏହାପରେ ଯଦି କିଛି ଆକ୍ଟିଭେସନ ଆସେ ତତ୍‌କ୍ଷଣାତ୍ ଫୋନ୍‌ର ଇଣ୍ଟରନେଟ୍ ଅପ୍ କରିଦିଅନ୍ତୁ ଓ ବ୍ୟାଙ୍କକୁ ଯାଇ ଆକାଉଣ୍ଟକୁ ଫ୍ରିଜ୍ କରିଦିଅନ୍ତୁ ।

▶ବ୍ୟାଙ୍କିଙ୍ଗ୍ ଆପ୍‌କୁ ମଲ୍ଟି-ଫ୍ୟାକ୍ଟର ଅଥେଣ୍ଟିକେଶନରୁ ଦୂରେଇ ରଖନ୍ତୁ ।

▶ଫୋନ୍‌ରେ ଏକ ଉନ୍ନତମାନର ଏଣ୍ଟିଭାୟରସ ସଫ୍ଟୱେର୍‌ର ବ୍ୟବହାର କରନ୍ତୁ ।

▶ନିୟମିତ ଅନ୍ତରାଳରେ ବ୍ୟାଙ୍କ ଆକାଉଣ୍ଟର ଯାଞ୍ଚ କରନ୍ତୁ ।

ବିବାହ ଏକ ଖୁସିର ଅବସର ହୋଇଥିବାରୁ ଏହାକୁ ଠକଙ୍କ କଳାନଜର ଲଗିବାକୁ ଦିଅନ୍ତୁ ନାହିଁ । ବର୍ଦ୍ଧିତ ସାଇବର କ୍ରାଇମ୍ ମାମଲାକୁ ଲକ୍ଷ୍ୟକଲେ ସତର୍କତା ହିଁ ବଞ୍ଚିବାର ଏକମାତ୍ର ଉପାୟ ମନେହୁଏ । ତେଣୁ କୌଣସି ବି ଅଜଣା ଲିଙ୍କ୍‌କୁ କ୍ଲିକ୍ କରିବା କିମ୍ବା ଫାଇଲ୍‌କୁ ଡାଉନ୍‌ଲୋଡ୍ କରିବା ପୂର୍ବରୁ ଏହାର ସତ୍ୟତା ଯାଞ୍ଚକରନ୍ତୁ । ନଚେତ ଏକ ଛୋଟିଆ ଭୁଲ୍ ବଡ଼ ଆର୍ଥିକ କ୍ଷତି ପହଞ୍ଚାଇପାରେ ।

WARNING
SCAM ALERT
WARNING

ରାବଣ ମନ୍ଦିର

ରାମାୟଣ ବର୍ଣ୍ଣନା ଅନୁସାରେ ରାବଣ ହେଉଛନ୍ତି ରାକ୍ଷସ ଯାହାଙ୍କୁ ରାମ ଦମନ କରିଥିଲେ । ରାବଣ ଖଳ ପ୍ରକୃତିର ହୋଇଥିବାରୁ ତାଙ୍କୁ ପୂଜା କରିବାର ପରମ୍ପରା କେଉଁଠାରେ ନାହିଁ । ହେଲେ ଭାରତରେ ଏଭଳି କିଛି ସ୍ଥାନ ରହିଛି, ଯେଉଁଠାରେ ରାବଣଙ୍କ ମନ୍ଦିର ରହିଛି ଓ ପୂଜା କରାଯାଉଛି । ଆସନ୍ତୁ ଜାଣିବା ଏଭଳି କିଛି ମନ୍ଦିର ସମ୍ପର୍କରେ ।

ଦଶାନନ ମନ୍ଦିର

ଉତ୍ତରପ୍ରଦେଶର କାନପୁରରେ ରହିଛି ଦଶାନନ ମନ୍ଦିର, ଯେଉଁଠାରେ ରାବଣଙ୍କ ପୂଜା କରାଯାଏ । ଲୋକକଥା ଅନୁସାରେ ଏହି ମନ୍ଦିରକୁ ରାବଣ ନିଜେ ନିର୍ମାଣ କରିଥିଲେ । ଏହା ସେଠାକାର ଲୋକଙ୍କ ପାଇଁ ଏକ ପର୍ଯ୍ୟଟନ ସ୍ଥାନ ଯେଉଁଠାରେ ପ୍ରତିବର୍ଷ ଅନେକଲୋକ ଯାଇଥାଆନ୍ତି ବୁଲିବାକୁ ।

ରାବଣ ମନ୍ଦିର

ଉତ୍ତରପ୍ରଦେଶର ଗ୍ରେଟ୍ ନୋଏଡାରେ ରହିଛି ରାବଣ ମନ୍ଦିର, ଯାହାର ସମ୍ପର୍କ ରହିଛି ରାବଣଙ୍କ ଜନ୍ମ ସ୍ଥାନ ସହିତ । ଏହି ମନ୍ଦିର ରାବଣଙ୍କ ଶିବଙ୍କ ପ୍ରତି ଥିବା ଭକ୍ତିକୁ ଦର୍ଶାଇଥାଏ । ଏଠାରେ ମଧ୍ୟ ଏହି ମନ୍ଦିରଟି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ । ତ୍ରେତୟା ଯୁଗରେ ରାବଣ ପୂଜା କରୁଥିବା ଶିବ ଲିଙ୍ଗ ଏଠାରେ ପୂଜା ପାଇଥାଆନ୍ତି, ଯାହା ୧୦୦ ବର୍ଷତଳେ ମାଟି ତଳୁ ବାହାରିଥିଲେ ।

କାକିନନ୍ଦ ରାବଣ ମନ୍ଦିର

ଆନ୍ଧ୍ରପ୍ରଦେଶରେ ରହିଛି କାକିନନ୍ଦ ରାବଣ ମନ୍ଦିର ଯାହାକୁ ରାକ୍ଷସ ରାଜ ରାବଣଙ୍କ ଉଦ୍ଦିଷ୍ଟରେ ନିର୍ମାଣ କରାଯାଇଛି । ଏଠାରେ ମଧ୍ୟ ରାବଣଙ୍କର ଶିବଙ୍କ ପ୍ରତି ଥିବା ଭକ୍ତିକୁ ଦର୍ଶା ଯାଇଛି । ଏଠାରେ ପ୍ରତିବର୍ଷ ଅନେକ ପର୍ଯ୍ୟଟକଙ୍କର ଭିଡ ଯମିଥାଏ । ଏହି ସ୍ଥାନରେ ରାବଣ ନିଜେ ଶିବଙ୍କ ମନ୍ଦିର ସ୍ଥାପନା କରିଥିବା ନେଇ ଲୋକକଥା ରହିଛି ।

ରାବଣଗ୍ରାମ ମନ୍ଦିର

ମଧ୍ୟପ୍ରଦେଶରେ ବିଦିସାରେ ରହିଛି ରାବଣଗ୍ରାମ ମନ୍ଦିର ଯାହା ରାବଣଙ୍କ ଉଦ୍ଦେଶ୍ୟରେ ନିର୍ମିତ । ଏହା ଭାରତରେ ଥିବା ଅନେକ ରାବଣ ମନ୍ଦିର ଭିତରେ ସବୁଠାରୁ ପରିଚିତ । ଏହି ସ୍ଥାନର ନାଁ ମଧ୍ୟ ଏହି ମନ୍ଦିର ଅନୁସାରେ ରାବଣଗ୍ରାମ ରଖାଯାଇଛି । ଏଠାର ଅନେକ ପର୍ଯ୍ୟଟକଙ୍କର ଭିଡ ଯମିଥାଏ । ଏପରିକି ଏଠାରେ ଲୋକ ରାବଣଙ୍କୁ ପୂଜା କରୁଥିବାର ମଧ୍ୟ ଲୋକକଥା ରହିଛି । ଏଠାରେ ମଧ୍ୟ ରାବଣଙ୍କ ଶିବ ଭକ୍ତିର ଉଦାହରଣ ଦେଖିବାକୁ ମିଳିଥାଏ ।

ମନ୍ଦାସୁର

ମଧ୍ୟପ୍ରଦେଶରେ ରହିଛି ମନ୍ଦାସୁର ରାବଣ ମନ୍ଦିର । ଏଠାରେ ଥିବା ମନ୍ଦିରରେ ପ୍ରତିବର୍ଷ ଅନେକ ପର୍ଯ୍ୟଟକଙ୍କ ଭିଡ ଯମିଥାଏ । ଏହି ମନ୍ଦିରରେ ମଧ୍ୟ ରାବଣଙ୍କର ଶିବଙ୍କ ପାଇଁ ଥିବା ଅନନ୍ୟ ଭକ୍ତିର ଉଦାହରଣ ଦେଖିବାକୁ ମିଳିଥାଏ ।

ମନ୍ଦୋର ରାବଣ ମନ୍ଦିର

ଯୋଧପୁରରେ ରହିଛି ମନ୍ଦୋର ରାବଣ ମନ୍ଦିର । ଏଠିକାର ସ୍ଥାନୀୟ ଲୋକ ରାବଣଙ୍କୁ ଜୋଇଁ ଭାବେ ବିବେଚନା କରନ୍ତି । କାରଣ ଏହି ସ୍ଥାନ ମନ୍ଦୋଦରୀଙ୍କର ବାପ ଘର ବୋଲି ଲୋକକଥା ରହିଛି । ତେଣୁ ଏଠାରେ ଲୋକମାନେ ଖୁବ ଭିଡ ଯମାଉଥିବାର ଦେଖିବାକୁ ମିଳିଥାଏ ।

ସୁପର ଫୁଡ୍

ଶୀତଦିନେ ସୁସ୍ଥ ରହିବାକୁ ହେଲେ ନିଜ ରୋଗପ୍ରତିରୋଧକ ଶକ୍ତିକୁ ବଢାଇବାକୁ ହେବ । ଏହିଦିନେ ଦେଖାଯାଉଥିବା ଥଣ୍ଡା କାଶ ସହିତ ଲଢିବା ପାଇଁ ରୋଗପ୍ରତିରୋଧକ ଶକ୍ତିର ଖୁବ ଆବଶ୍ୟକତା ରହିଛି । ତେବେ ଏହାକୁ ବଢାଇବା ପାଇଁ ଆମକୁ ଖାଦ୍ୟରେ କିଛି ସୁପର ଫୁଡ୍‌କୁ ସାମିଲ କରିବାର ଅଛି । ଆସନ୍ତୁ ଜାଣିବା ସେହିଭଳି କିଛି ସୁପରଫୁଡ ସମ୍ପର୍କରେ ।

▶ ଘିଅ

ଶୀତ ଦିନେ ଘିଅ ଖାଇବାର ଅଧିକ ଆବଶ୍ୟକତା ରହିଛି । ଏହା ଆମ ଶରୀରକୁ ଗରମ ରଖିବାରେ ସାହାଯ୍ୟ କରିଥାଏ । ସେହିଭଳି ସ୍କିନ୍‌କୁ ରୁକ୍ଷ ହେବାରୁ ମଧ ଏହା ବଞ୍ଚାଇଥାଏ । ତ୍ୱଚାକୁ ଚିକ୍କଣ କରିବାରେ ଏହା ବିଶେଷ ସହାୟକ ହୋଇଥାଏ । ତେଣୁ ଶୀତଦିନେ ଘିଅରେ ଖାଦ୍ୟ ପ୍ରସ୍ତୁତ କରନ୍ତୁ ଏହା ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ ହୋଇଥାଏ ।

▶ କନ୍ଦମୂଳ

ଶୀତଦିନେ କନ୍ଦମୂଳ ଖାଇବାକୁ ଅନେକ ଲୋକ ଭଲ ପାଇଥାଆନ୍ତି । ଏହି ଫଳଟି ବେଶ୍ ସୁନ୍ଦର ହୋଇଥାଏ । ଶୀତଦିନେ ମିଳୁଥିବା ଏହି ଫଳଟି ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ ହୋଇଥାଏ । ଏଥିରେ ଫାଇବର, ଭିଟାମିନ୍ ଓ ପଟାସିଅମର ମାତ୍ରା ଖୁବ ଅଧିକ ରହିଥାଏ । ଏହାକୁ ପ୍ରତିଦିନ ଖାଇବାଦ୍ୱାରା କୋଷ୍ଟକାଠିନ୍ୟରୁ ମୁକ୍ତି ମିଳିଥାଏ । ଏଥିରେ ଭିଟାମିନ୍ ସିର ମାତ୍ରା ଖୁବ ଅଧିକ ଥାଏ ତେଣୁ ଶୀତଦିନେ ନିଜ ଖାଦ୍ୟରେ ଏହାକୁ ସାମିଲ କରନ୍ତୁ ।

▶ ଅଁଳା

ଅଁଳାର ରୋଗପ୍ରତିରୋଧକ ଶକ୍ତି ସବୁଠାରୁ ଅଧିକ । ଏଥିରେ ଭିଟାମିନ୍ ସି ପ୍ରଚୁର ପରିମାଣରେ ରହିଥାଏ ଯାହା ଆମକୁ ବିଭିନ୍ନ ରୋଗରୁ ବଞ୍ଚାଇଥାଏ । ଆପଣ ଅଁଳାକୁ ବିଭିନ୍ନ ଫର୍ମରେ ଖାଇପାରିବେ । ଏହାକୁ ଜୁସ୍,ଚଟଣି, ଆଚାର ଆଦି କରି ଖାଇପାରିବେ । ଶୀତଦିନେ ଯେମିତି ହେଲେ ଅଁଳାକୁ ଖାଦ୍ୟରେ ସାମିଲ କରନ୍ତୁ ।

▶ ଖଜୁରୀ

ଖଜୁରୀର ସ୍ୱାଦ ଖୁବ ଭଲ ହୋଇଥାଏ, ଏହାକୁ ଖାଇବାକୁ ଛୋଟ ଠାରୁ ବଡ ସମସ୍ତେ ପସନ୍ଦ କରିଥାଆନ୍ତି । ଏହା ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ । ଏହା ଅନେକ ଖାଦ୍ୟରେ ଚିନି ସ୍ଥାନରେ ବ୍ୟବହାର ହୋଇଥାଏ । ଏଥିରେ ଅଧିକ ପରିମାଣରେ ଭିଟାମିନ୍, ମିନେରାଲ୍ସ ଓ ଫାଇବାର ରହିଥାଏ ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ ହୋଇଥାଏ । ଏହା ଆମର ବୋନ୍ ଓ ଦାନ୍ତକୁ ସୁସ୍ଥ ରଖିଥାଏ । ଶୀତଦିନେ ଏହାକୁ ସକାଳେ ଓ ସନ୍ଧ୍ୟାରେ ଖାଆନ୍ତୁ ଶରୀର ପାଇଁ ଖୁବ ଭଲ ହୋଇଥାଏ । ଏହା ଆମର ସ୍କିନ୍‌କୁ ମଧ ପୋଷଣ ଦେଇଥାଏ ।

▶ ଗୁଡ଼

ଗୁଡରେ ସବୁଠାରୁ ଅଧିକ ଶରୀରକୁ ଉତ୍ତାପ ଦେବାର ଶକ୍ତି ରହିଥାଏ । ତେଣୁ ଶୀତଦିନେ ଗୁଡ ଖାଇବା ଜରୁରୀ ହୋଇଥାଏ । ଗୁଡରେ ଆଇରନ୍‌ର ମାତ୍ରା ଖୁବ ଅଧିକ ଥାଏ । ଏହା ଆମ ଶରୀରରେ ଆଇରନ୍‌ର ମାତ୍ରାକୁ ବାଲାନ୍ସ କରିଥାଏ । ଏହା ଆମ ଫୁସ୍‌ଫୁସ୍ ପାଇଁ ଖୁବ ଭଲ ହୋଇଥାଏ । ତେଣୁ ଅଧିକ ପ୍ରଦୂଷଣ ଥିବା ଅଞ୍ଚଳରେ ଗୁଡ ଖାଇବା ଖୁବ ଲାଭ ଦାୟକ ହୋଇଥାଏ ।

▶ ମିଲେଟ୍

ମିଲେଟ୍‌ରେ ବାଜରା, ମାଣ୍ଡିଆ ଭଳି ଅନେକ ଶସ୍ୟା ରହିଛି, ଯାହାକୁ ଶୀତଦିନେ ଖାଇବା ଖୁବ ଲାଭ ଦାୟକ ହୋଇଥାଏ । ଏଗୁଡିକରେ ଭିଟାମିନ୍ସ, ମିନେରାଲ୍ସ ଆଦି ଅଧିକ ରହିଥାଏ । ଯାହା ଶୀତଦିନେ ଆମର ଅଧିକ ଦରକାର ହୋଇଥାଏ । ଏହା ଆମର ରୋଗପ୍ରତିରୋଧକ ଶକ୍ତି ବଢାଇବା ସହିତ ପାଚନ ତନ୍ତ୍ରକୁ ମଧ ଠିକ୍ ରଖିଥାଏ ।

ଟେଷ୍ଟ କ୍ରିକେଟର କଞ୍ଜୁସ ବୋଲର

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଇତିହାସ ରଚିଛନ୍ତି ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ଜାୟଡେନ ସିଲ୍ସ । ସେ ପୁରୁଷ ଟେଷ୍ଟରେ ସବୁଠାରୁ କଞ୍ଜୁସି ବୋଲିଂ କରି ନିଜ ନାଁକୁ ରେକର୍ଡ ବୁକରେ ସାମିଲ କରିଛନ୍ତି ।

ସିଲ୍ସ ଟେଷ୍ଟ କ୍ରିକେଟରେ ସବୁଠାରୁ କଞ୍ଜୁସ ବୋଲର ବା ସବୁଠାରୁ କମ ରନ ଖର୍ଚ୍ଚ କରିଥିବା ଖେଳାଳିଙ୍କ ତାଲିକାର ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି । ସେ ଏପରି କୀର୍ତ୍ତିମାନ ହାସଲ କରିବା ସହ ବାଂଲାଦେଶ ବିପକ୍ଷରେ ୪ ୱିକେଟ ମଧ୍ୟ ଦଖଲ କରିଛନ୍ତି ।

ସିଲ୍ସ ୧୫.୫ ଓଭରରେ ୧୦ଟି ମେଡେନ ନେବା ସହ କେବଳ ୫ ରନ ଦେଇଥିଲେ । ଏହି ଘାତକ ବୋଲିଂ ଜରିଆରେ ସେ ବାଂଲାଦେଶର ୪ ଜଣ ବ୍ୟାଟରଙ୍କୁ ମଧ୍ୟ ଆଉଟ କରିଥିଲେ । ୨୩ ବର୍ଷୀୟ ସିଲ୍ସଙ୍କ ଇକୋନୋମୀ ରେଟ ୦.୩୦ ରହିଛି । ୧୯୬୩-୬୪ ପର ଠାରୁ କୌଣସି ବୋଲର ଟେଷ୍ଟ କ୍ରିକେଟରେ ଏପରି କଞ୍ଜୁସି ବୋଲିଂ କରି ନଥିଲେ ।

ଏକବିଂଶ ଶତାବ୍ଦୀରେ ସବୁଠାରୁ କଞ୍ଜୁସି ବୋଲିଂର ରେକର୍ଡ ଉମେଶ ଯାଦବଙ୍କ ନାଁରେ ରହିଥିଲା । ସେ ୨୦୧୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ୨୧ ଓଭର ବୋଲିଂ କରି ୧୬ଟି ମେଡେନ ନେବା ସହ କେବଳ ୯ ରନ ଦେଇଥିଲେ । ତାଙ୍କ ଖାତାକୁ ୩ଟି ୱିକେଟ ମଧ୍ୟ ଯାଇଥିଲା । ଉମେଶଙ୍କ ଇକୋନୋମୀ ରେଟ ୦.୪୨ ରହିଥିଲା । ହେଲେ ସିଲ୍ସ ଏବେ ତାଙ୍କୁ ଅତିକ୍ରମ କରି ଯାଇଛନ୍ତି ।

ଉମେଶଙ୍କ ବ୍ୟତୀତ ଏକବିଂଶ ଶତାବ୍ଦୀରେ ଅଷ୍ଟ୍ରେଲିଆର ନାଥନ ଲିୟନ ସବୁଠାରୁ କଞ୍ଜୁସି ବୋଲିଂ କରିଥିଲେ । ସେ ୨୦୧୪-୧୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ ୨୨ ଓଭରରେ ୧୭ଟି ମେଡେନ ନେବା ସହ ୧୭ ରନ ଦେଇଥିଲେ । ତାଙ୍କୁ କୌଣସି ୱିକେଟ ମିଳି ନଥିଲେ ହେଁ ତାଙ୍କ ଇକୋନୋମୀ ରେଟ ୦.୪୫ ରହିଥିଲା ।

ଅନ୍ୟପକ୍ଷରେ ଟେଷ୍ଟ କ୍ରିକେଟରେ ସବୁଠାରୁ କଞ୍ଜୁସି ବୋଲିଂର ରେକର୍ଡ ଭାରତର ବାପୁ ନଦକରିନଙ୍କ ନାଁରେ ରହିଛି । ସେ ୧୯୬୩-୬୪ରେ ଇଂଲଣ୍ଡ ବିପକ୍ଷ ଚେନ୍ନାଇ ଟେଷ୍ଟରେ ୩୨ ଓଭର ବୋଲିଂ କରି ୨୭ଟି ମେଡେନ ନେବା ସହ କେବଳ ୫ ରନ ଦେଇଥିଲେ । ତାଙ୍କ ଇକୋନୋମୀ ରେଟ ୦.୧୫ ରହିଥିଲା । ଏବେ କଞ୍ଜୁସି ବୋଲିଂ ରାଙ୍କିଙ୍ଗର ଦ୍ୱିତୀୟ ସ୍ଥାନରେ ସେଲ୍ସ ରହିଛନ୍ତି ।

ତୃତୀୟ ସ୍ଥାନରେ ଇଂଲଣ୍ଡର ଜିମ ଲାକେର ୦.୩୭(୧୫୬-୫୭), ୪ର୍ଥରେ ଅଷ୍ଟ୍ରେଲିଆର ଜିମ ବୁରକେ ୦.୪୫(୧୯୫୭-୫୮), ୫ମରେ ଇଂଲଣ୍ଡର ଡାଭିନ ଆଲେନ ୦.୪୨(୧୯୬୫-୬୬), ୬ଷ୍ଠରେ ଭାରତ ଉମେଶ ଯାଦବ ୦.୪୨(୨୦୧୫-୧୬), ୭ମରେ ଭାରତର ମନିନ୍ଦର ସିଂହ(୧୯୮୬), ୦.୪୩, ୮ମରେ ଇଂଲଣ୍ଡର ଜିମ ଲାକେର ୦.୪୪(୧୯୫୬), ୯ମରେ ଇଂଲଣ୍ଡର ଡେରେକ ଅଣ୍ଡରଉଡ ୦.୪୪(୧୯୬୮) ଓ ୧୦ମରେ ନାଥନ ଲାୟନ ୦.୪୫(୨୦୧୪୦୧୫) ରହିଛନ୍ତି ।

ବ୍ରାଡମ୍ୟାନ୍‌ଙ୍କ ଟୋପି ୨.୧୧ କୋଟି

ଅଷ୍ଟ୍ରେଲିଆ କିମ୍ବଦନ୍ତି ବ୍ୟାଟର୍ ଡନ୍ ବ୍ରାଡମ୍ୟାନ୍‌ଙ୍କ ଐତିହାସିକ 'ବ୍ୟାଗି ଗ୍ରିନ୍' ଟୋପି ୨୫୦,୦୦୦ ଡଲାର ତଥା ଭାରତୀୟ ମୁଦ୍ରାରେ ୨ କୋଟି ୧୧ଲକ୍ଷ ଟଙ୍କାରେ ନିଲାମ ହୋଇଛି । ବନହାମ୍ସ ଦ୍ୱାରା ସିଡ୍ନିରେ ହୋଇଥିବା ନିଲାମରେ ଏହାର ମୂଳ ଦଳ ୧୬୦,୦୦୦ ଡଲାର ଥିଲା । ୧୦ ମିନିଟ୍ ମଧ୍ୟରେ ଏହା ୨୫୦,୦୦୦ ଡଲାରରେ ନିଲାମ ହୋଇଥିଲା । ଉଲରେ ନିର୍ମିତ ଏହି ଟୋପିକୁ ବ୍ରାଡମ୍ୟାନ୍ ୧୯୪୭-୪୮ରେ ଅଷ୍ଟ୍ରେଲିଆର ଭାରତ ଗସ୍ତ ବେଳେ ପିନ୍ଧିଥିଲେ । ଏହି ଟେଷ୍ଟ ଶୃଙ୍ଖଳାରେ ବ୍ରାଡମ୍ୟାନ୍ ୬ଟି ପାଳିରେ ୧୭୮.୭୫ ହାର ଏବଂ ୩ ଶତକ ଓ ଗୋଟିଏ ଦ୍ୱିଶତକ ସହ ମୋଟ ୭୧୫ ରନ୍ କରିଥିଲେ । ନିଲାମ ସଂସ୍ଥା ବନହାମ୍ସ ଏହି ଟୋପିକୁ 'ଏକମାତ୍ର ଜଣାଶୁଣା ବ୍ୟାଗି ଗ୍ରିନ୍' ବୋଲି କହିଛି । ସଂପ୍ରତି ଏହି ଟୋପିର ରଙ୍ଗ ଛାଡ଼ିଯାଇଥିଲା ବେଳେ କିଛି ନଷ୍ଟ ମଧ୍ୟ ହୋଇଛି ଏବଂ ଉପର ଅଂଶ ଛିଣ୍ଡିଯାଇଛି । ୨୦୨୦ରେ ତାଙ୍କର ଟେଷ୍ଟ ପଦାର୍ପଣ ଟୋପି ୨୯୦,୦୦୦ ଡଲାରରେ ନିଲାମ ହୋଇଥିଲା । କ୍ରିକେଟର ମହାନ ବ୍ରାଡମ୍ୟାନ୍‌ଙ୍କ ଟେଷ୍ଟ ବ୍ୟାଟିଂ ହାର ୯୯.୯୪ ରହିଛି । ୨୦୦୧ରେ ୯୨ ବର୍ଷ ବୟସରେ ତାଙ୍କର ବିୟୋଗ ଘଟିଥିଲା ।

ଭଲ ନାହିଁ ସମ୍ପର୍କ

ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଓ ପୂର୍ବତନ ସ୍ପିନର ହରଭଜନ ସିଂହଙ୍କ ମଧ୍ୟରେ ଭଲ ସଂପର୍କ ନାହିଁ । ଏ କଥା ବେଶ୍ କିଛି ବର୍ଷ ହେବ ଆଲୋଚନା ହୋଇ ଆସୁଥିବା ବେଳେ ଏବେ ଏକ ସାକ୍ଷାତକାରରେ ଏହା ସତ୍ୟ ବୋଲି କହିଛନ୍ତି ହରଭଜନ ସିଂହ ।

ସେ କହିଛନ୍ତି ଯେ ପ୍ରାୟ ୧୦ ବର୍ଷ ହେଲାଣି ଧୋନିଙ୍କ ସହିତ ତାଙ୍କର ଭଲରେ କଥାବାର୍ତ୍ତା ହୋଇନାହିଁ । ଯଦିଓ ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ଉଭୟ ଚେନ୍ନାଇ ସୁପର କିଙ୍ଗସ ତରଫରୁ ଆଇପିଏଲ୍ ଖେଳୁଥିଲେ, ତଥାପି ସେମାନଙ୍କ କଥାବାର୍ତ୍ତା କେବଳ ଖେଳ ପଡ଼ିଆରେ ସୀମିତ ଥିଲା ।

ହରଭଜନ କହିଛନ୍ତି, ମୁଁ ଧୋନିଙ୍କ ସହିତ କଥା ହୁଏ ନାହିଁ । ଯେତେବେଳେ ମୁଁ ଚେନ୍ନାଇ ସୁପର କିଙ୍ଗସ ପକ୍ଷରୁ ଖେଳୁଥିଲି,ସେତେବେଳେ ମଧ୍ୟ ଆମେ କଥା ହେଉ ନଥିଲୁ । ପ୍ରାୟ ୧୦ ବର୍ଷ ହେଲାଣି ଆମେ କଥାବାର୍ତ୍ତା ହେଉ ନାହୁଁ । ମୋ ପକ୍ଷରୁ କିଛି ଅସୁବିଧା ନାହିଁ । ବୋଧେହୁଏ ତାଙ୍କର କିଛି ସମସ୍ୟା ଅଛି । ମୁଁ ଜାଣିନି କାରଣ କ'ଣ । ଯେତେବେଳେ ଆମେ ଚେନ୍ନାଇ ସୁପର କିଙ୍ଗସ ପାଇଁ ଖେଳୁଥିଲୁ ସେତେବେଳେ ଆମ ମଧ୍ୟରେ କଥାବାର୍ତ୍ତା କେବଳ ପଡ଼ିଆରେ ସୀମିତ ଥିଲା । ଖେଳ ପରେ ସେ ମୋ ରୁମକୁ ଆସୁ ନଥିଲେ କି ମୁଁ ବି ତାଙ୍କ ରୁମକୁ ଯାଉ ନଥିଲି ।

ଭାରତ ପାଇଁ ୧୦୩ଟି ଟେଷ୍ଟ ଓ ୨୩୬ଟି ଦିନିକିଆ ମ୍ୟାଚ୍ ଖେଳିଥିବା ସ୍ପିନର ହରଭଜନ ସିଂହ କହିଛନ୍ତି, ମୋର ତାଙ୍କ ବିଷୟରେ କିଛି କହିବାର ନାହିଁ । ଯଦି ତାଙ୍କର କିଛି କହିବାର ଅଛି, ସେ ମୋତେ କହିପାରିବେ । ମୁଁ ତାଙ୍କୁ କେବେ ଫୋନ୍ କରି ନାହିଁ । ମୁଁ କେବଳ ସେମାନଙ୍କୁ ଫୋନ୍ କରେ,ଯେଉଁମାନେ ମୋ ଫୋନ୍ ଉଠାନ୍ତି । ନହେଲେ ମୋ ପାଖରେ ସମୟ ନାହିଁ । ଯେଉଁମାନେ ମୋ ବନ୍ଧୁ, ମୁଁ ସେମାନଙ୍କ ସହିତ ସଂପର୍କରେ ରହେ । ଯଦି ମୁଁ ଆପଣଙ୍କୁ ସମ୍ମାନ କରେ, ତା'ହେଲେ ମୁଁ ଆଶା କରିବି ଯେ ଆପଣ ମଧ୍ୟ ମୋତେ ସମ୍ମାନ ଦେବେ । ଯଦି ମୁଁ ଆପଣଙ୍କୁ ଥରେ କିମ୍ବା ଦୁଇ ଥର ଫୋନ୍ କରିବି, କିନ୍ତୁ ଆପଣ ଉଠାଇବେ ନାହିଁ, ତା'ହେଲେ ଯେତିକି ଆବଶ୍ୟକ ମୁଁ ଆପଣଙ୍କୁ ସେତିକି ସମ୍ମାନ ଦେବି ।

ଭାରତ କେମିତି ଫାଇନାଲ ଯିବ?

ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ଟିକେଟ ପାଇଁ ଲଢ଼େଇ ଜୋରଦାର ଚାଲିଛି । ବର୍ତ୍ତମାନ ଚାଲିଥିବା ୪ଟି ଟେଷ୍ଟ ମଧ୍ୟରୁ ୩ଟିର ରେଜଲ୍ଟ ସମ୍ଭବତଃ ଆସନ୍ତାବର୍ଷ କେଉଁ ଦୁଇ ଟିମ ଲର୍ଡସରେ ଫାଇନାଲ ଖେଳିବେ, ତା'ର ଭାଗ୍ୟ ନିର୍ଦ୍ଧାରଣ କରିବ । ଭାରତ ଓ ଦକ୍ଷିଣ ଆଫ୍ରିକା ଆଗକୁ ବଢୁଥିବା ବେଳେ ନ୍ୟୁଜିଲାଣ୍ଡକୁ ଘରୋଇ ମାଟିରେ ଇଂଲଣ୍ଡଠାରୁ ଝଟକା ଲାଗିଛି । ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ୮ ୱିକେଟରେ ଇଂଲଣ୍ଡ ଠାରୁ ହାରି ଯିବାରୁ ଦଳର ଫାଇନାଲ ଖେଳିବା ଆଶା ଆଶଙ୍କା ମଧ୍ୟକୁ ଠେଲି ହୋଇଯାଇଛି । ସେହିପରି ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କାକୁ ହରାଇ ଦେଇଥିବା ଦକ୍ଷିଣ ଆଫ୍ରିକା ଏବେ ପଏଣ୍ଟ ଟେବୁଲର ତୃତୀୟ ପହଞ୍ଚି ଯାଇଛି । ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍ ଜିତିବା ପରେ ଭାରତ ପ୍ରଥମ ସ୍ଥାନକୁ ଉଠିଥିବା ବେଳେ ପୂର୍ବରୁ ୨ନଂରେ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନକୁ ଖସି ଯାଇଛି ।ନ୍ୟୁଜିଲ୍ୟାଣ୍ଡ ଓ ଶ୍ରୀଲଙ୍କା ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି ।

ଭାରତ ବିଜୟ ପ୍ରତିଶତ ପଏଣ୍ଟ ୬୧.୧୧ ରହିଥିବା ବେଳେ ୫୯.୨୬% ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଓ ଅଷ୍ଟ୍ରେଲିଆ ୫୭.୬୯% ସହ ତୃତୀୟରେ ରହିଛି । ଭାରତକୁ ଅନ୍ୟ କୌଣସି ଦଳ ଉପରେ ନିର୍ଭର ନ କରି ସିଧାସଳଖ ଫାଇନାଲ ଟିକେଟ ହାତେଇବାକୁ ହେଲେ ବର୍ଡର-ଗାଭାସ୍କର ଟ୍ରଫିକୁ ୫-୦, ୪-୦, ୪-୧ କିମ୍ବା ୩-୦ରେ ଜିତିବାକୁ ପଡ଼ିବ । ଯଦି ଅଷ୍ଟ୍ରେଲିଆକୁ ଭାରତ ୩-୦ରେ ହରାଇ ଦେଉଛି, ତା'ହେଲେ ବିଜୟ ପ୍ରତିଶତ ପଏଣ୍ଟ ୬୨.୨୮ ହୋଇଯିବ । କେବଳ ଦକ୍ଷିଣ ଆଫ୍ରିକା ଚାହିଁଲେ, ଏହାକୁ ଅତିକ୍ରମ କରିପାରିବ ।

ଭାରତୀୟ ଟିମ ଅଷ୍ଟ୍ରେଲିଆ ଠାରୁ ସିରିଜ ହାରିଲେ ମଧ୍ୟ ଫାଇନାଲକୁ ଯାଇପାରିବ । କିନ୍ତୁ ଏଥିପାଇଁ ଅନ୍ୟ ଦଳଗୁଡ଼ିକର ରେଜଲ୍ଟ ଉପରେ ନର୍ଭର କରିବାକୁ ପଡ଼ିବ । ଯଦି ଭାରତୀୟ ଟିମ ୨-୩ରେ ସିରିଜ ହାରି ଯାଉଛି, ତା'ହେଲେ ପିସିଟି ୫୩.୫୧କୁ ଖସିଆସିବ । ଏପରି ସ୍ଥିତିରେ ଅଷ୍ଟ୍ରେଲିଆ ୧ନଂରେ ରହିବ । ଭାରତକୁ ଫାଇନାଲ ଟିକେଟ ପାଇଁ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ସିରିଜ ୧-୧ରେ ଡ୍ର ରହିବା ଦରକାର । ଦକ୍ଷିଣ ଆଫ୍ରିକା - ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା - ପାକିସ୍ତାନ ଶୃଙ୍ଖଳା ମଧ୍ୟ ୧-୧ ରହିବା ଦରକାର । ଶ୍ରୀଲଙ୍କା ବନାମ ଅଷ୍ଟ୍ରେଲିଆ ସିରିଜ ୦-୦ରେ ରହିଲେ ଭାରତ ଫାଇନାଲକୁ ସହଜରେ ଯାଇ ପାରିବ ।

ସାଇ ପଲ୍ଲବୀ

ସୀତା ଚରିତ୍ର ପାଇଁ ବେଶ୍ ଚର୍ଚ୍ଚାରେ ଅଛନ୍ତି ସାଉଥ୍ ହିରୋଇନ୍ ସାଇ ପଲ୍ଲବୀ । ସବୁବେଳେ ନିଜ ନିଖୁଣ ଅଭିନୟ ଓ ବିନ୍ଦାସ ଅନ୍ଦାଜ ପାଇଁ ଦର୍ଶକଙ୍କୁ ବାନ୍ଧି ରଖିଥାନ୍ତି ସାଇ । ତାଙ୍କୁ ସୀତା ଚରିତ୍ରରେ ଦେଖିବାକୁ ଦର୍ଶକ ମଧ୍ୟ ଖୁବ ଉତ୍ସାହର ସହିତ ଚାହିଁ ରହିଛନ୍ତି ।

ବି ଟାଉନ୍ ପାଇଁ ରେଡି

ସବୁବେଳେ ଭିନ୍ନଭିନ୍ନ ଚରିତ୍ରରେ ଅଭିନୟ ପାଇଁ ଚର୍ଚ୍ଚା ସାଉଁଟିଥାଆନ୍ତି ସାଉଥ ଷ୍ଟାର ସାଇ ପଲ୍ଲବୀ । ସେହିଭଳି ତାଙ୍କ ସୌନ୍ଦର୍ଯ୍ୟର ମଧ୍ୟ ଅନେକ ଫ୍ୟାନ ରହିଛନ୍ତି । ଏଭଳି ମଧ୍ୟ ଶୁଣିବାକୁ ମିଳେ କି ସେ କେବେ ବି ମେକଅପ୍ ନିଅନ୍ତି ନାହିଁ । ୧୯୯୨ରେ ଜନ୍ମିତ ସାଇ ୨୦୦୫ରୁ ଇଣ୍ଡଷ୍ଟ୍ରୀରେ ଆକ୍ଟିଭ ଅଛନ୍ତି । ତାମିଲନାଡୁରେ ଜନ୍ମିତ ସାଇ ପଲ୍ଲବୀ ଜଣେ ଡାକ୍ତରୀ ଛାତ୍ରୀ, ହେଲେ ଅଭିନୟକୁ ସେ ନିଜର ପେଶା ଭାବେ ଗ୍ରହଣ କରିଛନ୍ତି । ପିଲାଦିନୁ ନୃତ୍ୟ ପାଇଁ ଥିବା ଦୁର୍ବଳତା ତାଙ୍କୁ ଅଭିନୟକୁ ଆଣିଛି ବୋଲି ସେ ସାକ୍ଷାତକାରରେ ପ୍ରକାଶ କରନ୍ତି । ଶିଶୁ କଳାକାର ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ ସାଇ ପଲ୍ଲବୀ । ୨୦୦୫ରେ ସେ ତାମିଲ ତେଲୁଗୁ ଫିଲ୍ମ କସ୍ତୁରୀ ମାନ୍‌ରେ ଅଭିନୟ କରିଥିଲେ । ଏଥିରେ ଅଭିନୟ ପାଇଁ ସେ ଖୁବ ପ୍ରଶଂସା ମଧ୍ୟ ସାଉଁଟିଥିଲେ । ଏହାପରେ ତାଙ୍କୁ ୨୦୦୮ରେ ଧାମ୍ ଧୁମ୍‌ରେ ଦେଖିବାକୁ ମିଳିଥିଲା । କେବଳ ଏତିକି ନୁହେଁ ତାଙ୍କୁ ପିଲାଦିନେ ଅନେକ ବିଜ୍ଞାପନରେ ମଧ୍ୟ ଦର୍ଶକ ଦେଖିଥିଲେ । ଏହାପରେ ୨୦୧୫ରେ ତାଙ୍କୁ ଫିଲ୍ମ ପ୍ରେମମ୍‌ରେ ଦେଖିବାକୁ ମିଳିଥିଲା । ଏହାପୂର୍ବରୁ ସେ ଏକ ରିଆଲିଟି ଶୋରେ ଭାଗ ନେଇଥିଲେ, ସେଠାରେ ତାଙ୍କୁ ଫିଲ୍ମ ନିର୍ଦ୍ଦେଶକ ଆଲ୍‌ଫୋନ୍‌ସେ ପୁଥୁରେନ୍ ଦେଖିଥିଲେ ଏହା ସହିତ ତାଙ୍କୁ ସେ ନିଜ ଫିଲ୍ମରେ କାଷ୍ଟିଂ କରିବାକୁ ଇଚ୍ଛା କରିଥିଲେ । ଏହାପରେ ସାଇ ତାଙ୍କ ଫିଲ୍ମ ସାଇନ୍ କରିଥିଲେ ଏବଂ ଅଭିନୟ କରିଥିଲେ । ସାଇ ପଲ୍ଲବୀଙ୍କୁ ଫିଲ୍ମ ପ୍ରେମମ୍ ପାଇଁ ଅନେକ ପୁରସ୍କାର ମଧ୍ୟ ମିଳିଥିଲା । ଏହାପରେ ଗୋଟିଏ ପରେ ଗୋଟିଏ ସଫଳତାର ଶିଢି ସାଇ ଚଢିଚାଲିଲେ । ୨୦୧୭ରେ ତାଙ୍କର ଫିଲ୍ମ ଫିଦା ଆସିଲା ଯାହାକୁ ଦର୍ଶକ ଖୁବ ପ୍ରଶଂସା କରିଥିଲେ । ଏଥିରେ ତାଙ୍କ ଅଭିନୟକୁ ସମୀକ୍ଷକମାନେ ମଧ୍ୟ ଖୁବ ଭଲ କହିଥିଲେ । ଏହାପରେ ତାଙ୍କୁ ଅନେକ ଭଲଭଲ ଫିଲ୍ମ ଯେପରି ମାରି ୨, ପଦିପଦି ଲେଞ୍ଚେ ମାନସୁ, ଅର୍ଥିରାନ୍ ଆଦିରେ ଦେଖିବାକୁ ମିଳିଥିଲା । ଦର୍ଶକ ସବୁସମୟରେ ତାଙ୍କ ଫିଲ୍ମକୁ ଖୁବ ଭଲ ପାଇବା ଦେଇଥାନ୍ତି । ତାଙ୍କୁ ଅଭିନୟକୁ ସମସ୍ତେ ପସନ୍ଦ କରନ୍ତି । ମାଲାୟଲମ, ତେଲୁଗୁ, ତାମିଲ ଇଣ୍ଡଷ୍ଟ୍ରୀରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିବା ସାଇ ପଲ୍ଲବୀ ବର୍ତ୍ତମାନ ବଲିଉଡରେ ଏଣ୍ଟ୍ରି ନେବାକୁ ରେଡି । ରାମାୟଣ ଫିଲ୍ମ ଜରିଆରେ ସେ ନିଜର ବି ଟାଉନ୍ ଡେବ୍ୟୁ କରିବାକୁ ଯାଉଛନ୍ତି । ନିଜର ଏହି ବି ଟାଉନ୍ ଡେବ୍ୟୁକୁ ନେଇ ଖୁବ ଉତ୍ସାହିତ ଅଛନ୍ତି ସାଇ । ଅନ୍ୟ ଇଣ୍ଡଷ୍ଟ୍ରୀ ଭଳି ବି ଟାଉନ୍‌ରେ ମଧ୍ୟ ଖୁବ ନାଁ କରିବେ ବୋଲି ସେ ଆଶା ରଖିଛନ୍ତି ।